# ଶୀତଳଷଷ୍ଠୀ, ଚମ୍ପକ ଦ୍ୱାଦଶୀରେ ଫୁଟିବନି ବାଣ

ପିପିଲି, ୧୦।୬ (ପ୍ରଭାତ କୁମାର ମହାପାତ୍ର)

ପବିତ୍ର ଶୀତଳଷଷ୍ଠୀ ଓ ଚମ୍ପକ ଦ୍ୱାଦଶୀ ପାଳନ ବେଳେ ପିପିଲି ଅଞ୍ଚଳରେ କୌଣସି ପ୍ରକାର ବାଣ ଫୁଟାଯାଇପାରିବ ନାହିଁ। ଏଥିପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପୁରୀ ବାଣ ବିସ୍ଫୋରଣ ଘଟଣା ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପିପିଲି ପୋଲିସ ବାଣ ଫୁଟାଇବା ଉପରେ କଟକଣା ଜାରି କରିବା ସହ ଏ ନେଇ ସମସ୍ତଙ୍କୁ କଡ଼ା ଚେତାବନୀ ଦେଇଛି। ଶୀତଳଷଷ୍ଠୀ ଯାତ୍ରା ଅବସରରେ ବାଗେଶ୍ୱରପୁର ଗ୍ରାମରେ କାଠଚକ୍ର ବାଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ସେହିପରି ପବିତ୍ର ଚମ୍ପକ ଦ୍ୱାଦଶୀ ପର୍ବ ପାଳନ ଅବସରରେ ଦାଣ୍ଡମୁକୁନ୍ଦପୁର ଗ୍ରାମରେ ପ୍ରସିଦ୍ଧ କାଠଚକ୍ର ବାଣଯାତ୍ରା କାହିଁ କେଉଁ କାଳରୁ ଅନୁଷ୍ଠିତ ହୋଇଆସୁଛି। ଏଥିପାଇଁ ଉଭୟ ଗ୍ରାମରେ କାଠଚକ୍ର ବାଣ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ବେଳେ ପିପିଲି ପୋଲିସ ସେସବୁକୁ ବନ୍ଦ କରିଦେଇଛି। ଉଭୟ ଗ୍ରାମ୍ୟର କମିଟି କର୍ମକର୍ତ୍ତାଙ୍କ ସହିତ ଥାନା ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ ଆଲୋଚନା କରିବା ସହ ବାଣ ଫୁଟାଇବା ଉପରେ କଟକଣା ଜାରି କରିଛନ୍ତି। ପର୍ବ ପାଳନ ସମୟରେ କୌଣସି ପ୍ରକାର ବାଣ ଫୁଟାଯିବ ନାହିଁ ବୋଲି ଉଭୟ କମିଟି ପ୍ରତିଶ୍ରୁତି ଦେଇଥିବା ଆଇଆଇସି କହିଛନ୍ତି। ଠାକୁରଙ୍କ ଶୋଭାଯାତ୍ରା ସମୟରେ ମଧ୍ୟ କୌଣସି ପ୍ରକାର ବାଣ ଫୁଟାଯାଇପାରିବ ନାହିଁ। ଏଥିରେ ବ୍ୟତିକ୍ରମ ହେଲେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଖଣ୍ଡାୟତରାୟ କହିଛନ୍ତି। କାଠଚକ୍ର ବାଣ ସମେତ ଅନ୍ୟ ବାଣ ପ୍ରସ୍ତୁତି ଉପରେ ପୋଲିସ ତୀକ୍ଷ୍ଣ ନଜର ରଖିଥିବାବେଳେ ବିଭିନ୍ନ ଗ୍ରାମରେ ଥିବା ସୂଚନାଦାତାମାନଙ୍କୁ ଏ ସଂକ୍ରାନ୍ତରେ ଖବର ଦେବା ପାଇଁ ସଜାଗ ରଖିଥିବା ଜଣାପଡ଼ିଛି।

# ଈଶ୍ୱରନାଥଙ୍କ ପୀଠରେ ଦେବଦମ୍ପତି ବିବାହ

ଅସ୍ତରଙ୍ଗ, ୧୦।୬ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)



ଅସ୍ତରଙ୍ଗ ଉପକଣ୍ଠ ଜିଉନ୍ତି ଗ୍ରାମର ପୁରାତନ ଶୈବପୀଠ ଶ୍ରୀଈଶ୍ୱରନାଥ ମହାଦେବଙ୍କ ପୀଠରେ ସୋମବାର ଶୀତଳଷଷ୍ଠୀ ତିଥିରେ ଈଶ୍ୱରନାଥ -ପାର୍ବତୀଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଯାଇଛି। ମା' ପାର୍ବତୀ କନ୍ୟା ଓ ମହାଦେବ ଈଶ୍ୱରନାଥ ବର ସାଜିଥିଲେ। ମମତା ପଣ୍ଡା ଓ ଶରତ ଚନ୍ଦ୍ର ପଣ୍ଡା କନ୍ୟା କର୍ତ୍ତା ଏବଂ ମଞ୍ଜୁଲତା ମିଶ୍ର ଓ ଅକ୍ଷୟ କୁମାର ଦାସ ବରକର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଆ ପରମ୍ପରା ତଥା ବୈଦିକ ରୀତିନୀତି ଅନୁଯାୟୀ ହାଣ୍ଡି ମଙ୍ଗୁଳା, ଦିଅଁ ମଙ୍ଗୁଳା, ଶିବ ପାର୍ବତୀଙ୍କ ମହାସ୍ନାନ, ବାଟବରଣ ନୀତି ପରେ ପ୍ରଥମ ବରଣ, ଦ୍ୱିତୀୟ ବରଣ ଶେଷ ହୋଇ ବିବାହ ଉତ୍ସବ ସମ୍ପାଦନ ହୋଇଥିଲା। ମହାଦେବ ଈଶ୍ୱରନାଥଙ୍କୁ ବର ଏବଂ ମା'ପାର୍ବତୀଙ୍କୁ କନ୍ୟା ବେଶରେ ସଜ୍ଜିତ କରାଯାଇ ବିବାହ ମଣ୍ଡପକୁ ଅଣାଯାଇଥିଲା। ଭଜନ କୀର୍ତ୍ତନ, ବାଦ୍ୟ ଓ ରୋଶଣିରେ ବରକନ୍ୟାଙ୍କୁ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ଯଜ୍ଞବେଦିକୁ ନିଆଯାଇଥିଲା। ବ୍ରାହ୍ମଣଙ୍କ ବେଦପାଠ ଓ ଜ୍ୟୋତିଷଙ୍କ ପଞ୍ଜିକା ନିର୍ଘଣ୍ଟ ଅନୁସାରେ ବରକନ୍ୟା ସୁସଜ୍ଜିତ ବିମାନରେ ବିଜେ କରିଥିଲେ। ସେଠାରେ କନ୍ୟା ମାତା ମମତା ପଣ୍ଡା ଓ ବରମାତା ମଞ୍ଜୁଲତା ମିଶ୍ର କନକାଞ୍ଜଳି ବାନ୍ଧିବା ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଓଡ଼ିଆ ରୀତିନୀତି ଅନୁସାରେ ୭ଜଣ ସଧବା ମହିଳା ବେଦିରେ ବରକନ୍ୟାଙ୍କୁ ବନ୍ଦାପନା କରିଥିଲେ। ଏହାପରେ ବରକନ୍ୟାଙ୍କ ହାତଗଣ୍ଠି ପଡ଼ିଥିଲା। ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ବାଦ୍ୟ, ଶଙ୍ଖ, ହୁଳହୁଳି ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଉଠିଥିଲା। ଈଶ୍ୱରନାଥ ପୀଠର ବଡ଼ପଣ୍ଡା ତଥା ପୂଜକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଘନଶ୍ୟାମ କର, ପଣ୍ଡିତ ଅମୂଲ୍ୟ କୁମାର ମିଶ୍ର ଏବଂ ରୋଶନ କୁମାର କର ମନ୍ତ୍ରପାଠ କରିଥିଲେ। ସ୍ଥାନୀୟ ଅଞ୍ଚଳର ଗୋପବନ୍ଧୁ ଯୁବ ପରିଷଦର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିବ ବିବାହ ପାଇଁ କନ୍ୟାଚୋରି ନୀତି ସମ୍ପନ୍ନ



ଶ୍ରୀଲୋକନାଥ କନ୍ୟାଚୋରି ନୀତି ସମ୍ପନ୍ନ କରି ଫେରୁଛନ୍ତି ।

ପୁରୀ, ୧୦।୬ (ଅଜିତ୍ କୁମାର ମହାନ୍ତି)

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଚତୁର୍ଥୀ ଅବସରରେ ସୋମବାର ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ପୀଠରେ କନ୍ୟାଚୋରି ନୀତି ସମ୍ପନ୍ନ ହୋଇଛି। ପଞ୍ଚମହାଦେବ ପରମ୍ପରା ମୁତାବକ ପାର୍ବତୀଙ୍କୁ ଚୋରି କରିଛନ୍ତି। ଏହି ନୀତି ପରେ ପ୍ରତ୍ୟେକ ଠାକୁର ସାହି ପରିକ୍ରମା କରି ପନ୍ତି ଖାଇସାରି ସ୍ୱମନ୍ଦିରକୁ ବିଜେ କରିଥିଲେ। ସେଠାରେ ମାଘ ସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାଧୂପ ଓ ବଡ଼ସିଂହାର ନୀତି ଶେଷ ହୋଇ ପହୁଡ଼ ନୀତି ହୋଇଥିଲା। ମଙ୍ଗଳବାର ରୀତିନୀତି ଅନୁଯାୟୀ ପାର୍ବତୀଙ୍କୁ ମହାଦେବ ବିବାହ କରିବେ। ବୁଧବାର ଶୀତଳ ଷଷ୍ଠୀ ପାଳନ ପାଳନ କରାଯିବ। କନ୍ୟାଚୋରି ଓ ଶିବବିବାହ ଲାଗି ଶ୍ରକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି। ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଭାବେ ପ୍ରଭୁ ଶ୍ରୀଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, କପାଳମୋଚନ ଏବଂ ନୀଳକଣ୍ଠେଶ୍ୱରଙ୍କୁ ବିବେଚନା କରାଯାଏ। ପରମ୍ପରା ଅନୁସାରେ ପଞ୍ଚମହାଦେବ ଶ୍ୱଶୁର ଘରକୁ ଯାଇ ପାର୍ବତୀଙ୍କୁ ଚୋରି କରି ସାଙ୍ଗରେ ନେଇ ବିବାହ କରିଥାନ୍ତି। ଏଭଳି ପରମ୍ପରା ଶ୍ରୀକ୍ଷେତ୍ର ବ୍ୟତୀତ ପ୍ରାୟ ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳିନଥାଏ।

# ବ୍ରହ୍ମେଶ୍ୱର ମହାଦେବ ମନ୍ଦିରରେ ଶିବ ବିବାହ

ଚାରିଛକ ୧୦।୬ (ଶିଶିର ସ୍ୱାଇଁ)



ବ୍ରହ୍ମେଶ୍ୱର ମହାଦେବ ପୀଠରେ ଶିବବିବାହ ନୀତି ସମ୍ପନ୍ନ କରାଯାଉଛି ।

ଚାରିଛକ ନିକଟସ୍ଥ ବ୍ରହ୍ମକୁଣ୍ଡି ମା' ତାରିଣୀ, ଶ୍ରୀ ଶ୍ରୀ ବ୍ରହ୍ମେଶ୍ୱର ମହାଦେବ ଏବଂ ବ୍ରହ୍ମ ମହାବୀର ପୀଠରେ ବାର୍ଷିକ ଉତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞ ଓ ଶୀତଳ ଷଷ୍ଠୀ ଅବସରରେ ଶିବ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିସରରେ ଆୟୋଜିତ ବିବାହ ଉତ୍ସବରେ ପାର୍ବତୀଙ୍କ ପିତା ଭାବେ ପ୍ରଶାନ୍ତ ମୁଦୁଲି, ମାତା ଭାବେ ଶାନ୍ତି ମୁଦୁଲି, ଶିବଙ୍କ ପିତା ଭାବେ ବିଜୟ ବେହେରା ଓ ମାତା ଭାବେ ସତ୍ୟଭାମା ଦାସ ଦାୟିତ୍ୱ ତୁଲାଇଥିଲେ। ପୂଜକ ରସାନନ୍ଦ ଦାସ, ଅର୍ଜୁନ ପଣ୍ଡା, ଦେବଦତ୍ତ ମିଶ୍ର, ସୂର୍ଯ୍ୟକାନ୍ତ ମିଶ୍ର ପ୍ରମୁଖ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଶେଷରେ ବନ୍ଦାପନା କାର୍ଯ୍ୟକ୍ରମ ହୋଇଥିଲା। ବ୍ରହ୍ମେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିଥିଲା। ସୋମବାର ପୂର୍ଣ୍ଣାହୁତି ପରେ ପ୍ରସାଦ ସେବନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞର କର୍ତ୍ତା ଭାବେ ବାବାଜୀ ସ୍ୱାଇଁ ଓ କର୍ତ୍ତ୍ରୀ ଭାବେ କ୍ଷେତ୍ରମଣି ସ୍ୱାଇଁ ଦାୟିତ୍ୱ ନିର୍ବାହ କରିଥିଲେ।

# ଶୀତଳଷଷ୍ଠୀରେ ଫୁଟିବନି ବାଣ

ବଳଙ୍ଗା, ୧୦।୬ (କେଦାରେଶ୍ୱର ନନ୍ଦ)

ପବିତ୍ର ଶୀତଳଷଷ୍ଠୀ ପାଳନ ବେଳେ ବଳଙ୍ଗା ଅଞ୍ଚଳରେ କୌଣସି ପ୍ରକାର ବାଣ ଫୁଟା ଯାଇପାରିବ ନାହିଁ। ଏଥିପାଇଁ ପୋଲିସ ପକ୍ଷରୁ କଟକଣା ଜାରି ସହ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପୁରୀ ବାଣ ବିସ୍ଫୋରଣ ଘଟଣା ପରେ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ବଳଙ୍ଗା ପୋଲିସ ବାଣ ଫୁଟାଇବା ଉପରେ କଟକଣା ଲଗାଇବା ସହ ସମସ୍ତଙ୍କୁ ବାରଣ କରିଛି। ଶୀତଳଷଷ୍ଠୀ ଯାତ୍ରା ଅବସରରେ ପୁରୁଣା ଡାକେରା ଓ କୋହ୍ଲଣା କାଠଚକ୍ର ବାଣଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଉଭୟ ଗ୍ରାମ୍ୟ କମିଟି ସହ ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଆଲୋଚନା କରିଛନ୍ତି। ବାଣ ଫୁଟାଇବା ଉପରେ କଟକଣା ଜାରି କରାଯାଇଛି, ଏଥିରେ ବ୍ୟତିକ୍ରମ ହେଲେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଣ୍ଡା କହିଛନ୍ତି।

# ତ୍ରିଲୋଚନପୁରରେ ଶିବ-ପାର୍ବତୀ ବିବାହ

କଣାସ, ୧୦।୬ (ବିଭୂତି ଭୂଷଣ ତ୍ରିପାଠୀ)



କଣାସ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମରେ ସୋମବାର ପ୍ରଭୁ ପଶ୍ଚିମଶମ୍ଭୁ ବାବା କପିଳେଶ୍ୱର ଦେବ ଏବଂ ପାର୍ବତୀଙ୍କ ବିବାହ ଉତ୍ସବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରପିତା ଭାବେ ଦୁର୍ଗାଚରଣ ଦାଶ ଏବଂ କନ୍ୟାପିତା ଭାବେ ବ୍ରଜବନ୍ଧୁ ପାଣି ବିବାହ କାର୍ଯ୍ୟରେ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଭଗବାନ ଦାଶ ରୀତିନୀତି ଅନୁଯାୟୀ ମନ୍ତ୍ର ଉଚ୍ଚାରଣ କରି ଶିବ ଓ ପାର୍ବତୀଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ।

# ମୁକୁନ୍ଦମିଶ୍ର ନଗରରେ ଶିବ ବିବାହ ଉତ୍ସବ

ପୁରୀ, ୧୦।୬ (ଅଜିତ୍ ମହାନ୍ତି)

**ପଣସରେ ଶିବଲିଙ୍ଗ ଦେଖି ଭକ୍ତ ପୂଜାର୍ଚ୍ଚନା କଲେ**

ପୁରୀ ସଦର ମୁକୁନ୍ଦ ମିଶ୍ର ନଗରରେ ସୋମବାର ବେଶ୍ ଧୁମ୍‌ଧାମର ସହ ଶିବବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନଗରର ବାସିନ୍ଦାମାନେ ବାବା ମୁକୁନ୍ଦେଶ୍ୱରଙ୍କ ବିବାହ ଉତ୍ସବକୁ ଭକ୍ତିର ସହ ପାଳନ କରିଛନ୍ତି। ଏହି ଅବସରରେ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଥିଲା। ପଣସରେ ଶିବଲିଙ୍ଗ ଦେଖି ଭକ୍ତ ନଗରର ବାସିନ୍ଦାମାନେ ପୂଜାର୍ଚ୍ଚନା କରିଥିଲେ। ସେହିପରି ନାଗା, ମେଢ଼ ସହ ଡିଜେରେ ଝୁମିଥିଲେ ଶିବ ଭକ୍ତ। ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନଗରର ସଭାପତି ଜଗଦାନନ୍ଦ ମିଶ୍ରଙ୍କ ଘର ସମ୍ମୁଖରେ ରୀତିନୀତି ଅନୁଯାୟୀ ପ୍ରଥମେ ବାବା ମୁକୁନ୍ଦେଶ୍ୱରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାବା ମୁକୁନ୍ଦେଶ୍ୱର ମା' ପାର୍ବତୀଙ୍କ ମନ୍ଦିର ଅଭିମୁଖେ ବାହାରିଥିଲେ। କନ୍ୟା ପକ୍ଷରୁ ବସନ୍ତ ମିଶ୍ର କର୍ତ୍ତା ହୋଇଥିବା ବେଳେ ବର ପକ୍ଷରୁ ଭବାନୀ ପଣ୍ଡା କର୍ତ୍ତା ହୋଇଥିଲେ। ମନ୍ଦିରଠାରେ ଅପେକ୍ଷା କରିଥିବା କନ୍ୟାପକ୍ଷ ବେଶ୍ ସ୍ନେହ ଓ ଆଦରର ସହ ବରପକ୍ଷଙ୍କୁ ସ୍ୱାଗତ କରିବା ସହିତ ବାବା ମୁକୁନ୍ଦେଶ୍ୱରଙ୍କୁ ପାଛୋଟି ନେଇଥିଲେ। ପରେ ବାବା ମୁକୁନ୍ଦେଶ୍ୱରଙ୍କ ସହ ମା' ପାର୍ବତୀଙ୍କ ବିବାହ ଉତ୍ସବ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା।

# ନିଶାମଣିଙ୍କ ମୃତ୍ୟୁ ଘଟଣା ଭିନ୍ନ ମୋଡ଼ ନେଲା

ନିମାପଡ଼ା, ୧୦।୬ (ବିଚିତ୍ରାନନ୍ଦ ସାହୁ)

**ବାପଘର ଲୋକେ ଆଣିଲେ ହତ୍ୟା ଅଭିଯୋଗ: ସ୍ୱାମୀ, ଶାଶୁ, ଶ୍ୱଶୁର, ଦିଅରଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ**

ନିମାପଡ଼ା ଥାନା ଅନ୍ତର୍ଗତ ଅରିଷଣ୍ଡ ପଞ୍ଚାୟତ ବାମଦେଇପୁର ଗ୍ରାମର କଲ୍ୟାଣୀ ଓରଫ ନିଶାମଣି ଜେଠୀ (୩୮) ନାମ୍ନୀ ମହିଳାଙ୍କର ରବିବାର ଅପରାହ୍ନରେ ବିଷାକ୍ତ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା। ନିଶାମଣିଙ୍କର ସାପକାମୁଡ଼ାରେ ମୃତ୍ୟୁ ଘଟିଥିବା ମୃତା କଲ୍ୟାଣୀଙ୍କ ସ୍ୱାମୀ ପ୍ରତାପ ଜେଠୀ (୪୧) ରବିବାର ରାତିରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମେଡ଼ିକାଲରେ ପହଞ୍ଚି ସମ୍ପୃକ୍ତା ମହିଳାଙ୍କ ମୃତଦେହ ଜବତ କରି ସୋମବାର ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଛି। ତେବେ କଲ୍ୟାଣୀଙ୍କ ମୃତ୍ୟୁ ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। କଲ୍ୟାଣୀଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଇ ମାରିଦେଇଥିବା ତାଙ୍କ ଭାଇ ଗୋପ ଥାନା ଅନ୍ତର୍ଗତ ବେଦପୁର ତିନିତିଅର ଗ୍ରାମର ଧରଣୀଧର ସାହୁ ନିମାପଡ଼ା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ମୃତା ମହିଳାଙ୍କ ସ୍ୱାମୀ ପ୍ରତାପ ଜେଠୀ, ଶ୍ୱଶୁର ରାମଚନ୍ଦ୍ର ଜେଠୀ, ଶାଶୁ ସୁଲୋଚନା ଜେଠୀ, ଦିଅର ଉତ୍ତାପ ଜେଠୀ ପ୍ରମୁଖ ୪ଜଣଙ୍କ ବିରୋଧରେ ଦଫା ନଂ. ୪୯୮(ଏ), ୩୦୨,୩୪ରେ କେସ୍ ନଂ. ୧୯୨/୨୪ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ଭାବେ ଜଣାପଡ଼ିବ ବୋଲି ପୋଲିସ କହିଛି। ସୋମବାର ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ନିମାପଡ଼ା ମେଡ଼ିକାଲ ଓ ମୃତା ମହିଳାଙ୍କ ବାମଦେଇପୁରସ୍ଥିତ ଶାଶୁଘରେ ପହଞ୍ଚି ତଦନ୍ତ ଚଳାଇଛି। ବାପଘରୁ ଅଧିକ ଯୌତୁକ ଆଣିବା ଦାବିରେ କଲ୍ୟାଣୀଙ୍କୁ ତାଙ୍କ ଶାଶୁଘର ଲୋକେ ଦୀର୍ଘଦିନ ଧରି ନିର୍ଯାତନା ଦେଇଆସୁଥିଲାବେଳେ ରବିବାର ମାରିଦେଇଥିବା ମୃତା ମହିଳାଙ୍କ ଭାଇ ଧରଣୀଧର ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# 'ମାଟି, ମାଆ, ଭାଷା ପାଇଁ ନୂଆ କବିତା ସୃଷ୍ଟି ହେଉ'

ପୁରୀ, ୧୦।୬ (ଅଜିତ୍ ମହାନ୍ତି)

ପ୍ରେମ, ଭକ୍ତି, ପଲ୍ଲୀ କବିତା ବଦଳରେ ଏଣିକି ମାଟି, ମାଆ ଓ ଭାଷା ପାଇଁ ଅଧିକରୁ ଅଧିକ ସାହିତ୍ୟ ସୃଷ୍ଟି କରିବାକୁ ରାଜ୍ୟ ପୁରସ୍କାରପ୍ରାପ୍ତ ଗୀତିକାର ତଥା କଥାକାର ବଦ୍ରି ମିଶ୍ର ଆହ୍ୱାନ ଦେଇଛନ୍ତି। ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ସମ୍ମିଳନୀ କକ୍ଷରେ ସୋମବାର ଭଦ୍ରକର 'ମାଟିର ବାସ୍ନା ସାହିତ୍ୟ ସଂସଦ' ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସାହିତ୍ୟ -ସଙ୍ଗୀତ ସମାବେଶରେ ମୁଖ୍ୟ ଅତିଥି ଭାବେ ମିଶ୍ର ଯୋଗଦେଇ ସହର ବିକାଶ ନାମରେ ମାଟି, ମାଆ ବିକାଶ ନାମରେ ଗୋଷ୍ଠୀ ଓ ଭାଷା ବିକାଶ ନାମରେ ଗଣମାଧ୍ୟମ କିପରି ବିପଥଗାମୀ ହୋଇଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ରାଜ୍ୟ ପରିଚାଳକ ସୁଶାନ୍ତ କୁମାର ସିଂହ ଏବଂ ସମ୍ପାଦିକା ସରସ୍ୱତୀ ବାରିକଙ୍କ ପରିଚାଳନା ଓ ସମ୍ପାଦନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୀତିକାର ରାଖାଲ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ରାଜ୍ୟର ବିଭିନ୍ନ ଜିଲାରୁ ୧୨୫ ଜଣ ସାହିତ୍ୟିକ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଭାବେ ଶିକ୍ଷାବିତ୍ ବିଶ୍ୱନାଥ ମିଶ୍ର, ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ଡ. ଶିବଶଙ୍କର ସାହୁ, ଇଂ. ପଦ୍ମନାଭ ପାଣିଗ୍ରାହୀ, ଅଧ୍ୟାପିକା ବାସନ୍ତୀ ସାହୁ, କବି କମଳିନୀ ପାଣିଗ୍ରାହୀ, ଅଧ୍ୟାପିକା ସ୍ୱପ୍ନା ମହାନ୍ତି, କବି ବିପିନ ବିହାରୀ ଦଳାଇ, ନାଟ୍ୟ ନିର୍ଦ୍ଦେଶକ ଶିବସୁନ୍ଦର ମିଶ୍ର, କବି ଗୋଦାବରୀଶ ଦାସ, କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମାଟିର କଳିକା ପୁସ୍ତକ ଉନ୍ମୋଚନ କରାଯାଇଥିଲା। କବି ଅଶୋକ ମହାନ୍ତି, ବର୍ଷିଆନ ଶିକ୍ଷାବିତ୍ ସୁରେଶ ରଥ, ଅଭିନେତା ଶିବସୁନ୍ଦର ମିଶ୍ର ପ୍ରମୁଖଙ୍କୁ ସାରସ୍ୱତ ମହୋଦଧି ସମ୍ମାନ ଓ ଶରଧାବାଲି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ କବିତା ପାଠ ସହ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା।

# ଦେଖିବାକୁ ମିଳୁନି ଶଗଡ଼

ଅସ୍ତରଙ୍ଗ, ୧୦।୬ (ମମତା ଜେନା)

ଦିନ ଥିଲା, ଯାତ୍ରୀ ପରିବହନଠାରୁ ଆରମ୍ଭ କରି ବିଭିନ୍ନ ଜିନିଷପତ୍ର ଅର୍ଥାତ ମାଲ୍ ପରିବହନ ପାଇଁ ଏକମାତ୍ର ମାଧ୍ୟମ ଥିଲା ଶଗଡ଼। ଅଧିକାଂଶ ଘରେ ଶଗଡ଼ ଦେଖିବାକୁ ମିଳୁଥିଲା। କିନ୍ତୁ ସମ୍ପ୍ରତି ବିଜ୍ଞାନ ଯୁଗରେ କାଠରେ ନିର୍ମିତ ପ୍ରଦୂଷଣ ବିହୀନ ପ୍ରାଚୀନ ପରିବହନ ଯନ୍ତ୍ର ଶଗଡ଼ ଅଲୋଡ଼ା ହୋଇ କ୍ରମଶଃ ହଜିଯିବାକୁ ବସିଛି। ଶଗଡ଼ର କେଁ କଟର ଶବ୍ଦ ଆଉ ପ୍ରାୟତଃ ଶୁଣିବାକୁ ମିଳୁନାହିଁ। ପାୱାର ଟିଲର, ଟ୍ରାକ୍ଟର, ହାର୍ଭେଷ୍ଟର ଆଦି ଆଧୁନିକ ଯନ୍ତ୍ର ଶଗଡ଼ର ସ୍ଥାନ ନେଇଛି। ଏସବୁ ମେଶିନରେ ଚାଷ କାମ, ଧାନ ଅମଳ ଓ ପରିବହନ କରିବା ସହଜ ହେଉଛି। ରାସ୍ତାକଡ଼ ଓ ଧାନବିଲରେ ହାର୍ଭେଷ୍ଟର ମେଶିନ ସାହାଯ୍ୟରେ ଧାନ ଅମଳ କରାଯାଉଥିବା ଏବେ ଦେଖିବାକୁ ମିଳୁଛି।

ସେହିପରି ପୂର୍ବରୁ ଯାନିଯାତ୍ରା, ବାହାଘରରେ ବିଭିନ୍ନ ସାମଗ୍ରୀ ପରିବହନ ପାଇଁ ଶଗଡ଼ ବ୍ୟବହାର ହେଉଥିଲା। ଏବେ କିନ୍ତୁ କମ୍ ସମୟରେ ଯାତାୟାତ ପାଇଁ ବାଇକ, କାର୍, ବସ୍‌ର ବହୁଳ ପ୍ରଚଳନ ଯୋଗୁ ଶଗଡ଼ ଆଉ ଖୋଜାପଡୁନାହିଁ। କାଁ ଭାଁ ଗ୍ରାମାଞ୍ଚଳରେ ଚାଷୀ ଶଗଡ଼ରେ ଧାନ କ୍ଷେତରୁ ଧାନ ଅମଳ କରି ଖଳାକୁ ଆଣୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଶଗଡ଼ ଓ ଏହାର ଚକ ବର୍ଜ୍ୟବସ୍ତୁ ଭଳି କେଉଁଠାରେ ଦୀର୍ଘଦିନ ଧରି ପଡ଼ିରହିଛି ତ ଆଉ କେଉଁଠି ତା' ଉପରେ ବହଳେ ଧୂଳି ଆସ୍ତରଣ ଜମାଟ ବାନ୍ଧିଲାଣି। ଅତୀତର ସ୍ମୃତିକୁ ଜାହିର କରୁଛ ଶଗଡ଼। ଅତ୍ୟାଧୁନିକ ସଂସ୍କୃତିର ନୂତନ ପିଲାଙ୍କ ମନରେ ଏହା ଜିଜ୍ଞାସା ଭାବ ସୃଷ୍ଟି କରୁଛି। ଏ ନେଇ କୃଷି ବୈଜ୍ଞାନିକ ଗୁରୁଚରଣ ପ୍ରଧାନ କହନ୍ତି, ବିଜ୍ଞାନର ଅଗ୍ରଗତି ତଥା ଉନ୍ନତ କୃଷି ଯନ୍ତ୍ରପାତି ଯୋଗୁ ଧୀରେ ଧୀରେ ଶଗଡ଼ ଲୋପ ପାଇବାକୁ ବସିଲାଣି। ଆଗଭଳି ଆଉ କାଠରେ ଶଗଡ଼ ନିର୍ମାଣ କରାଯାଉନାହିଁ। ବଳଦ ଚରାଇବା ପାଇଁ ଲୋକଙ୍କ ଅଭାବ ତଥା ସରକାର କିମ୍ବା ସାମାଜିକ ସ୍ତରରେ ସେମିତି ଶଗଡ଼ର ବ୍ୟବହାର ପାଇଁ କୌଣସି ପ୍ରୋତ୍ସାହନ ମିଳୁ ନାହିଁ। ଫଳରେ ଆଉ ଲୋକେ ଶଗଡ଼ ପ୍ରତି ଆକର୍ଷିତ ନ ହୋଇ ଟ୍ରାକ୍ଟର,ପାୱାର ଟିଲର ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି।



# ପ୍ରାକୃତିକ ଗ୍ୟାସ୍ ବାହାରିବା ଆଶା ମଉଳିଲା

**ଖନନ ପଥ ରୋକିଲା ବିରାଟ ପଥର**

- ୨୨ ଶହ ମିଟର ତଳେ ରହିଗଲା ୨୦ କୋଟିର ଯନ୍ତ୍ରାଂଶ
- ରୋଜଗାର ନେଇ ଗୋପ ଅଞ୍ଚଳର ଯୁବତୀ ଯୁବକ ନିରାଶ



ଗୋପ, ୧୦।୬ (ଭାରତୀ ଭୂଷଣ ଉପାଧ୍ୟାୟ):

ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ଚିତ୍ରା ଗ୍ରାମ ନିକଟରେ ଗତ ଦୁଇବର୍ଷ ଧରି ଅଏଲ୍ ଇଣ୍ଡିଆ କମ୍ପାନୀ ପକ୍ଷରୁ ପ୍ରାକୃତିକ ଗ୍ୟାସ୍ ସହ ତୈଳ ବାହାରିବା ନେଇ କାର୍ଯ୍ୟ ଚାଲିଥିଲା। ତେବେ କୌଣସି କାରଣରୁ ୨୨ ଶହ ମିଟର ତଳେ ୨୦ କୋଟି ଟଙ୍କାର ରିଙ୍ଗ୍ ମେଶିନ୍ ରହିଯିବାରୁ ପ୍ରାକୃତିକ ଗ୍ୟାସ ଓ ତୈଳ ବାହାରିବା ନେଇ ଆଶା ମଉଳିଗଲା। ଫଳରେ ଅଏଲ୍ ଇଣ୍ଡିଆ କମ୍ପାନୀ ନିରାଶ ହୋଇ ଯନ୍ତ୍ରାଂଶ ନେଇ ଏଠାରୁ ଚାଲିଯିବାକୁ ବସିଛି।

ସୂଚନା ଅନୁଯାୟୀ, ୨୦୦୭-୦୮ ମସିହାରେ ଅଏଲ୍ ଇଣ୍ଡିଆ କମ୍ପାନୀ ପକ୍ଷରୁ ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରାକୃତିକ ଗ୍ୟାସ ସହ ତୈଳ ଲାଗି ଖନନ କରାଯାଇଥିଲା। ଗୋପ, ମହଲପଡ଼ା ପଞ୍ଚାୟତର ଚିତ୍ରା ଗ୍ରାମ ନିକଟରେ ପର୍ଯ୍ୟାପ୍ତ ପରିମାଣର ପ୍ରାକୃତିକ ଗ୍ୟାସ ଓ ତୈଳ ଥିବା ଜଣାପଡ଼ିଥିଲା। ପ୍ରଥମେ ଗୋପରେ କମ୍ପାନୀ ପକ୍ଷରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବିଭିନ୍ନ ଅତ୍ୟାଧୁନିକ ମେଶିନ୍ ଦ୍ୱାରା ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୋଟିଏ ବର୍ଷ ପରେ ସମ୍ପୃକ୍ତ ସ୍ଥାନର ମାଟି ତଳେ ଏକ ବିରାଟକାୟ ପଥର ଥିବା ଜଣାପଡ଼ିବାରୁ ଖନନ ବନ୍ଦ କରାଯାଇ ମେଶିନଗୁଡ଼ିକୁ ମହଲପଡ଼ା ପଞ୍ଚାୟତର ଚିତ୍ରା ଗ୍ରାମକୁ ନିଆଯାଇଥିଲା। ସେଠାରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୁଇବର୍ଷ ଧରି ଖନନ ଚାଲିଥିବାବେଳେ ପର୍ଯ୍ୟାପ୍ତ ପରିମାଣର ପ୍ରାକୃତିକ ଗ୍ୟାସ୍ ରହିଥିବା ଜାଣିବାକୁ ମିଳିଥିଲା। ତେବେ ଖନନ ସମୟରେ ୨୨ଶହ ମିଟର ତଳେ ୨୦ କୋଟି ଟଙ୍କାର ରିଙ୍ଗ୍ ମେଶିନ୍ ଯନ୍ତ୍ରାଂଶ ରହିଯିବାରୁ କାର୍ଯ୍ୟ ବନ୍ଦ ରଖିବାକୁ ପଡ଼ିଛି। ଏବେ ମେଶିନ୍‌ଗୁଡିକୁ ଚିତ୍ରା ଗ୍ରାମରୁ ସ୍ଥାନାନ୍ତର କରାଯାଉଛି। ଦୁଇଟି ସ୍ଥାନରେ ବିପୁଳ ଅର୍ଥରାଶି ବ୍ୟୟ ପରେ ମଧ୍ୟ ପ୍ରାକୃତିକ ଗ୍ୟାସ ଓ ତୈଳ ବାହାରିବା ସ୍ୱପ୍ନ ମଉଳିଯାଇଛି। ଗୋପ ଅଞ୍ଚଳରେ ଏହି ଖନନ କାର୍ଯ୍ୟକୁ ନେଇ ସ୍ଥାନୀୟ ଯୁବତୀ ଯୁବକମାନେ ବେଶ୍ ଉତ୍ସାହିତ ଥିଲେ। କାରଣ ଏଠାରେ କମ୍ପାନୀ ପକ୍ଷରୁ ସେମାନଙ୍କୁ ରୋଜଗାର ମିଳିବା ସହ ଆତ୍ମନିର୍ଭରଶୀଳ ସାଙ୍ଗକୁ ଅଞ୍ଚଳର ବିକାଶ ହେବା ନେଇ ଆଶା ରହିଥିଲା। ଏବେ କିନ୍ତୁ ସମସ୍ୟା ଯୋଗୁ ନିରାଶଭାବ ପ୍ରକାଶ ପାଇଛି। ଏଥିସହ କମ୍ପାନୀର ପ୍ରୟାସ ଓ ପରିଶ୍ରମ ବ୍ୟର୍ଥ ହୋଇଛି। ଏ ନେଇ ଅଏଲ୍ ଇଣ୍ଡିଆ କମ୍ପାନୀର ଜଣେ ଅଧିକାରୀ କହିଛନ୍ତି, ବହୁ ପରିଶ୍ରମ ଓ ଉଦ୍ୟମ କରାଯାଇଥିଲେ ମଧ୍ୟ ସେହି ସ୍ଥାନରେ ବିରାଟ ପଥର ରହିଥିବାରୁ କାର୍ଯ୍ୟ ଆଗେଇପାରିଲା ନାହିଁ।

# ଜମିଲାଣି ରଜ ଉତ୍ସାହ


ମାର୍କେଟ ବିଲ୍ଡିଂ

ପାଖେଇ ଆସୁଛି ରଜ। ପିଠାପଣାରେ ମହକିବ ଗାଁଠୁ ସହର। ଝିଅ, ବୋହୂମାନେ ନୂଆ ନୂଆ ପୋଷାକ ପିନ୍ଧି ହାତରେ ମେହେନ୍ଦି, ଗୋଡ଼ରେ ଅଳତା ଲଗାଇ ସଜେଇ ହେବେ। ବିଭିନ୍ନ ସ୍ଥାନରେ ଚାଲିବ ରଜ ମହୋତ୍ସବ। ସାଂସ୍କୃତିକ ସନ୍ଧ୍ୟା ସହ ରଜ ପାନ, ପିଠାମିଠା ଖାଇ ପାଳନ କରିବେ ସଭିଏ। ଏଥିପାଇଁ ଏବେଠୁ ଉତ୍ସାହ ଦେଖିବାକୁ ମିଳୁଛି। ରାଜଧାନୀ ଭୁବନେଶ୍ୱର ସମେତ ସବୁଠି ଆରମ୍ଭ ହୋଇଯାଇଛି ଜୋରଦାର ପ୍ରସ୍ତୁତି। ୟୁନିଟ୍-୨ ମାର୍କେଟ ବିଲ୍ଡିଂଠୁ ନେଇ ବଡ଼ ବଡ଼ ଶପିଂ ମଲ୍‌ରେ ଭିଡ଼ ଲାଗି ରହିଛି। ମଲ୍ ସାମ୍ନାରେ ଦୋଳି ଲାଗିଛି। ସବୁବର୍ଷ ପରି ଏଥର ମଧ୍ୟ ଶପିଂ ମଲ୍ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ସେପଟେ ଭଲ ବେପାର ପାଇଁ ସିନେମା ହଲ୍ ମାଲିକମାନେ ଆଶାବାନ୍ଧି ବସିଥିବାବେଳେ ଏଥର ପ୍ରେକ୍ଷାଳୟରେ ରାଜ୍ କରିବ ୩ ଓଡ଼ିଆ ସିନେମା। ସେହିପରି ହୋଟେଲ, କ୍ଲବ୍ ସମେତ ବିଭିନ୍ନ ବେସରକାରୀ ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ ପାଳନ କରାଯିବ। ସାଂସ୍କୃତିକ ସନ୍ଧ୍ୟାରେ ମନୋରଞ୍ଜନ କରିବେ କଳାକାର।

–ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ, ଫଟୋ: ବିକାଶ ନାୟକ



## ପ୍ରସ୍ତୁତ ହେଲେଣି ମିଠା, ପିଠା ଦୋକାନୀ

ପିଠା ଓଡ଼ିଆଙ୍କ ମନର ଆବେଗ। ପିଠାର ସ୍ୱତନ୍ତ୍ରତା ନିଆରା। ରଜ ଆସିଲେ ପିଠା କଥା ମନକୁ ଆଗ ଆସେ। ଏଥିସହ ରଜରେ ମିଠାର ଚାହିଦା ମଧ୍ୟ ବଢ଼ିଯାଏ। ସେଥିପାଇଁ ରାଜଧାନୀ ରାସ୍ତାରେ ଛୋଟରୁ ବଡ଼ ମିଠା ଓ ପିଠା ଦୋକାନୀ ଗ୍ରାହକଙ୍କୁ ଆକର୍ଷିତ କଲାଭଳି ରଜ ପିଠା ଓ ମିଠା ପ୍ରସ୍ତୁତି ପାଇଁ ଲାଗିପଡିଲେଣି। ଏପରିକି ରଜରେ ପିଠା ଖାଇବା ପାଇଁ ଆଗୁଆ ବରାଦ ଆସିଲାଣି ପିଠା ଦୋକାନୀଙ୍କୁ। ପୋଡ଼ପିଠା, କ୍ଷୀର ପୋଡ଼ପିଠା, କାକରା, ଛଣା ମଣ୍ଡା, ଚକୁଳି, ଚନ୍ଦ୍ରକାନ୍ତି, ମଣ୍ଡା, ଏଣ୍ଡୁରି ସହ ନୂଆ ଭେରାଇଟି ପିଠା ତିଆରି ପାଇଁ ଦୋକାନୀମାନେ ପ୍ରସ୍ତୁତ ହେଉଥିବା ଜଣାପଡିଛି।





## ଦୋଳିଖେଳ ପ୍ରତି ଆଗ୍ରହ କମୁଛି

ରଜ କହିଲେ ଦୋଳି ଖେଳକୁ ବୁଝାଏ। ମାତ୍ର ଏବେ ବୃକ୍ଷ ଯେଉଁଭଳି ଭାବେ କଟା ଯାଉଛି ଦୋଳି ଖେଳିବା ପାଇଁ ବଡ଼ ବଡ଼ ଗଛ ରହୁନାହିଁ। ସେ ଦୋଳିର ସ୍ଥାନ ଏବେ ପ୍ଲାଷ୍ଟିକ ଦୋଳି ନେଉଛି। କିଛି କିଛି ସ୍ଥାନରେ ପଟା ଦୋଳି ଲଗାଯାଇ ତାହାକୁ ଫୁଲ ଦ୍ୱାରା ଆକର୍ଷିତ ଢଙ୍ଗରେ ସଜାଯାଉଛି। ମାତ୍ର ସମୟ ବଦଳିବା ସହ ପୂର୍ବର ଦୋଳି ଖେଳର ମଜା ଆଉ ଆଗ ଭଳି ନାହିଁ। ସେହିଭଳି ଖାଲି ଦୋଳିରେ ବସି ଫଟୋ ପାଇଁ ଆଗଭର ହେଉଛନ୍ତି ଆଜିର ପିଢ଼ି। ଦୋଳିରେ ଟିକେ ବସିବା ପାଇଁ ହେଉଥିବା ଝଗଡ଼ାର ମଜା ବିଆ ଆଜି ଆଉ ନାହିଁ।

## ସରୁନି ଶପିଂ, ବଢ଼ୁଛି ଭିଡ଼

ରଜ ପାଇଁ ଏବେ ଲୋକେ କିଣାକିଣିରେ ଲାଗି ପଡିଛନ୍ତି। ଏଥିପାଇଁ ବଜାରରେ ସକାଳୁ ରାତି ଯାଏ ଅସମ୍ଭାଳ ଭିଡ଼ ହେଉଛି। ଭିଡ଼ ଭିତରେ କିଣାକିଣି କରିବା କଷ୍ଟକର ହେଉଥିଲେ ମଧ୍ୟ ନିଆରା ଆନନ୍ଦ ମିଳୁଛି। ଏପରିକି ବହୁ ଲୋକ ମନ ପସନ୍ଦିଆ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ବାରମ୍ବାର ବଜାରକୁ ଯାଉଥିବା ଦେଖିବାକୁ ମିଳୁଛି। ଦିନ ସରୁଥିଲେ ମଧ୍ୟ ଶପିଂ ସରୁନି। ମାର୍କେଟ ବିଲ୍ଡିଂଠୁ ନେଇ ଶପିଂ ମଲ୍ ପର୍ଯ୍ୟନ୍ତ ସବୁଠି ଭିଡ଼ ଜମୁଛି। ପ୍ରାୟ ସବୁଠି ରଜ ପାଇଁ ଭଲ ରିହାତି ରହିଛି।

## ଏଥର ପ୍ରେକ୍ଷାଳୟରେ ଓଲିଉଡ୍ ରାଜ୍

# ପାବାର୍, କୁହୁଡ଼ି ଓ ଚନ୍ଦ୍ରବଂଶୀ ଲଢ଼େଇ










ରଜ ସମୟରେ ପିଠା, ମିଠା ଖାଇବା ସହ ସିନେମା ଦେଖିବାର ମଜା ଟିକେ ନିଆରା। ଏହି ସମୟରେ ପ୍ରାୟତଃ ବଡ଼ ବଡ଼ ଷ୍ଟାର୍‌ଙ୍କ ଚଳଚ୍ଚିତ୍ର ପ୍ରେକ୍ଷାଳୟକୁ ଆସିଥାଏ। ଏଥର ମଧ୍ୟ ଓଲିଉଡ୍‌ର ସୁପରଷ୍ଟାରଙ୍କ ମୁଭି ପ୍ରେକ୍ଷାଳୟରେ ଲାଗିବା ଆରମ୍ଭ ହୋଇଗଲାଣି। ଆସନ୍ତା ୧୨ ତାରିଖରେ ପ୍ରେକ୍ଷାଳୟକୁ ବାବୁଶାନ୍ ମହାନ୍ତିଙ୍କ ଅଭିନୀତ ଫିଲ୍ମ 'ପାବାର୍' ଆସିବ। ବାବୁଶାନ ଫିଲ୍ମସ୍ ଏବଂ ଆମର ଷ୍ଟୁଡିଓଜ୍ ନିବେଦିତ ପାବାର୍‌ରେ ବାବୁଶାନଙ୍କ ବିପକ୍ଷରେ ନାୟିକା ଏଲିନା ରହିଛନ୍ତି। ସାଙ୍ଗରେ କ୍ରିଷ୍ଣା କର, ରବି ମିଶ୍ର, ଚୌଧୁରୀ ଜୟପ୍ରକାଶ ଦାସ ରହିଛନ୍ତି। ଅଶୋକ ପତି ନିର୍ଦ୍ଦେଶନା ଦେଇଥିବାବେଳେ ବାବୁଶାନଙ୍କ ସ୍ତ୍ରୀ ତୃପ୍ତି ଶତପଥୀ ପ୍ରଯୋଜିକା ଅଛନ୍ତି। ମାର୍କେଟରେ ଏବେ 'ପାବାର୍' ଚଳଚ୍ଚିତ୍ରର ଆଇଟମ୍ ସଙ୍ଗ ଲାଲ୍ ଟହ ଟହ... ଟ୍ରେଣ୍ଡିଙ୍ଗ ଧରିଛି। ଓଡ଼ିଶାର ଏକ ଛୋଟ ଅଞ୍ଚଳରୁ ବେଣୁଧର କାଣ୍ଡି କିଭଳି ପରିସ୍ଥିତିରେ ପଡ଼ି ରାଜନୀତିରେ ନିଜର ପାବାର୍ ଦେଖାଇଛନ୍ତି, ତାହା ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ରଜରେ ଫ୍ୟାନ୍‌ସମାନଙ୍କୁ ଏଥର ଏକ ସୁନ୍ଦର ଚଳଚ୍ଚିତ୍ର ଭେଟିଦେବେ ଅନ୍ୟତମ ଷ୍ଟାର୍ ଅନୁଭବ। ଅନୁଭବଙ୍କ ଅଭିନୀତ 'କୁହୁଡ଼ି' ଚଳଚ୍ଚିତ୍ର ପହିଲି ରଜରେ ପ୍ରାକ୍ଷାଳୟକୁ ଆସିବ। ସେ ଏକ ଆଡଭୋକେଟ୍ ଚରିତ୍ରରେ ଚଳଚ୍ଚିତ୍ରରେ ନଜର ଆସିଛନ୍ତି। ପ୍ରକୃତି ମିଶ୍ର, ସୁପ୍ରିୟା ନାୟକ, ଶକ୍ତି ବରାଳ, ଦୀପନ୍ୱିତ ଦାଶମହାପାତ୍ର, କୁନା ତ୍ରିପାଠୀ, ସୁକୁମାର ଟୁଡୁ, ସୁଶୀଲ ମିଶ୍ର ଭଳି ଅନେକ କଳାକାର ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିବେ। ପାରିବାରିକ କହଳ ପାଇଁ କଇଭଳି ଛୋଟ ପିଲାମାନେ ଅନେକ ଅସୁବିଧାର ସମ୍ମୁଖୀନ କରନ୍ତି ତାହା ଏହି ଚଳଚ୍ଚିତ୍ରରେ ମାଧ୍ୟମରେ ଦେଖିବାକୁ ଦର୍ଶକ ପାଇବେ। ସବୁ ବର୍ଗର ଦର୍ଶକ ଏହି ସିନେମାକୁ ଦେଖିପାରିବେ। ଏହାର ପ୍ରଯୋଜକ ହିମାଦ୍ରୀ ତନୟା ଦାସ ରହିଥିବାବେଳେ ନିର୍ଦ୍ଦେଶକ ଅଜୟ ପାଢ଼ୀ ରହିଛନ୍ତି। ସେହିପରି ପହିଲି ରଜରେ ଓଲିଉଡର ଜଣାଶୁଣା ଚେହାରଙ୍କୁ ନେଇ ରିଲିଜ ହେଉଛି ଚଳଚ୍ଚିତ୍ର 'ଚନ୍ଦ୍ରବଂଶୀ'। ପ୍ରୀତମ ସାହୁଙ୍କ ପ୍ରଯୋଜିତ ଏବଂ ଅନାମିସ୍ ପ୍ରଡକ୍ସନ ନିବେଦିତ ଏହା ହେଉଛି ଚତୁର୍ଥ ସିନେମା। ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଶ୍ରୀତମ ଦାସ, ଆକାଶ ଦାସନାୟକ, ଉଷସୀ ମିଶ୍ର, ରାଜ ରାଜେଶ, ପୁନମ୍ ମିଶ୍ର, ଜସ୍ମିନ୍ ରଥ, ଲିପ୍ସା, ଶକ୍ତି ବରାଳ, ସମରେଶ, ଦୈତାରୀ ପଣ୍ଡା, ପିୟୂଷ ତ୍ରିପାଠୀ ଭଳି ଅନେକ କଳାକାରଙ୍କୁ ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ଯଶ୍ ବର୍ମ ପଣ୍ଡା ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ପାଞ୍ଚ ଭାଇ ଅଲଗା ହୋଇ ରହିଥିବା ବେଳେ କିଭଳି ବାପାଙ୍କ ମୃତ୍ୟୁ ପରେ ସମସ୍ତେ ଏକତ୍ରିତ ହୋଇଛନ୍ତି, ତାହା ଏହି ଚଳଚ୍ଚିତ୍ର ମାଧ୍ୟମରେ ଦେଖିବାକୁ ମିଳିବ। ରଜରେ ରିଲିଜ ହେଉଥିବା ଏହି ୩ଟି ଚଳଚ୍ଚିତ୍ର ସମସ୍ତ ବର୍ଗଙ୍କୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ତେବେ ଦେଖିବାକୁ ଅପେକ୍ଷା ରହିଲା ପ୍ରେକ୍ଷାଳୟର ଏ ଲଢ଼େଇରେ କିଏ ବାଜିମାତ କରୁଛି।

# ପାଣ୍ଡିଆନଙ୍କ କ୍ୱାର୍ଟର୍ସ ସମ୍ମୁଖରୁ ହଟିଲା ବ୍ୟାରିକେଡ୍

## ପୂର୍ବରୁ ସୁରକ୍ଷା କର୍ମୀଙ୍କୁ ଅପସାରଣ କରି ନିଆଯାଇଥିଲା



ଭୁବନେଶ୍ୱର,୧୦।୬(ସତ୍ୟଜିତ୍ ରାଉତ)

ସୁରକ୍ଷା ବଳୟରେ ରହିଥିବା ପୂର୍ବତନ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ଭୁବନେଶ୍ୱର ୟୁନିଟ-୬ସ୍ଥିତ ଭିଆଇଆର୍‌୭ କ୍ୱାର୍ଟର୍ସ ସମ୍ମୁଖରୁ ବ୍ୟାରିକେଡ୍‌କୁ ହଟାଇ ଦିଆଯାଇଛି। ସେଠାରେ ମୁତୟନ ହୋଇଥିବା ସୁରକ୍ଷା କର୍ମୀଙ୍କୁ ୨ରୁ ୩ ଦିନ ପୂର୍ବରୁ ଅପସାରଣ କରାଇ ନିଆଯାଇଥିବାବେଳେ ସୋମବାର କମିଶନରେଟ ପୋଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ପାଣ୍ଡିଆନ୍‌ଙ୍କ ପାଇଁ ୨୦୧୮ ଫେବୃଆରୀରୁ ଏହି ସୁରକ୍ଷା ବ୍ୟବସ୍ଥା ଲାଗୁ ହୋଇଥିଲା। ପରବର୍ତ୍ତୀ ସମୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀମାନେ ପାଣ୍ଡିଆନଙ୍କ ବାସଭବନକୁ ଗୋବର ଫୋପାଡିବା ସହ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ତାଙ୍କ ଘର ସାମ୍ନାରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ଏଥିସହ ସେଠାରେ ପ୍ରାୟ ୩୦ଜଣ ସୁରକ୍ଷା କର୍ମୀ ଡ୍ୟୁଟି ଅନୁଯାୟୀ ଦିନରାତି ଜଗି ରହୁଥିଲେ। ତେବେ ପାଣ୍ଡିଆନଙ୍କଠାରୁ ପୋଲିସ ସୁରକ୍ଷା ହଟାଇ ନିଆଯାଇଥିବାରୁ ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଅବସରପ୍ରାପ୍ତ ଆଇଏଏସ୍ ଅଫିସର ପାଣ୍ଡିଆନ ରାଜ୍ୟ ସରକାରଙ୍କ ୫-ଟି ସଚିବ ଓ ପରେ ଅଧ୍ୟକ୍ଷ ରହିଥିଲେ। ତାଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଥିଲା। ତେବେ ଚାକିରିରୁ ଅବସର ନେଇ ସେ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ସାଧାରଣ ନିର୍ବାଚନରେ ବିଜେଡିର ଖରାପ ପ୍ରଦର୍ଶନ ଫଳରେ ଦଳ ଭିତରୁ ପାଣ୍ଡିଆନଙ୍କୁ ବିରୋଧ ହୋଇଥିଲା। ରବିବାର ପାଣ୍ଡିଆନ ଭିଡିଓ ବାର୍ତ୍ତା ଜାରି କରି କ୍ଷମା ମାଗିବା ସହ ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଥିଲେ।

# ଖଣ୍ଡା ଦେଖାଇ ଲୁଟ୍, ଦୁଇ ଗିରଫ

ଭୁବନେଶ୍ୱର,୧୦।୬(ସତ୍ୟଜିତ୍ ରାଉତ): ଖଣ୍ଡା ଦେଖାଇ ଲୁଟ ଘଟଣାରେ ଏୟାରପୋର୍ଟ ଥାନା ପୋଲିସ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ଏୟାରପୋର୍ଟ ଥାନା ଅନ୍ତର୍ଗତ କାର୍ଗିଲ ବସ୍ତି କେଳାସାହିରେ ରହୁଥିବା ନୟାଗଡର ଦିନେଶ ଦାସ ଓରଫ କାଲୁ (୨୫) ଓ ମାନସ ଦାସ (୨୯)। ଉଭୟଙ୍କଠୁ ୧୧୦୦ ଟଙ୍କା ଜବତ କରାଯାଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରବିବାର ସକାଳେ ଅଭିଯୋଗକାରୀ ସୁଦାମ ପ୍ରଧାନ କାମକୁ ଯାଉଥିବା ବେଳେ ଅଭିଯୁକ୍ତଦ୍ୱୟ ମଦ୍ୟପାନ ଅବସ୍ଥାରେ ତାଙ୍କୁ କାର୍ଗିଲ ବସ୍ତି ତ୍ରିନାଥ ମନ୍ଦିର ନିକଟରେ ଅଟକାଇଥିଲେ। ସେମାନେ ଖଣ୍ଡାରେ ଆକ୍ରମଣ କରିବାର ଭୟ ଦେଖାଇ ସୁଦାମଙ୍କଠାରୁ ୨୧୦୦ ଟଙ୍କା ଲୁଟ୍ କରି ନେଇଯାଇଥିଲେ। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୧୬୭/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାନସଙ୍କ ନାମରେ ଏୟାରପୋର୍ଟ ଥାନାରେ ୫ଟି ଆପରାଧିକ ମାମଲା ରହିଥିବା ବେଳେ ଅଭିଯୁକ୍ତ ଦିନେଶଙ୍କ ନାମରେ ଏୟାରପୋର୍ଟ, ଖଣ୍ଡଗିରି ଓ କ୍ୟାପିଟାଲ ଥାନାରେ ୬ଟି ଆପରାଧିକ ମାମଲା ରହିଛି।

# ଶ୍ରୀଲିଙ୍ଗରାଜଙ୍କ ସହ ମା'ପାର୍ବତୀଙ୍କ ବିବାହ ସମ୍ପନ୍ନ




ପ୍ରଭୁ ଶ୍ରୀଲିଙ୍ଗରାଜ ବରଯାତ୍ରୀଙ୍କ ସହ କେଦାରଗୌରୀ ମନ୍ଦିର ଅଭିମୁଖେ ବିମାନରେ ଯାଉଛନ୍ତି।

ପୁରୁଣା ଭୁବନେଶ୍ୱର,୧୦।୬
(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସହ ମା' ପାର୍ବତୀ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ପାରମ୍ପରିକ ନୀତି ଅନୁସାରେ ସୋମବାର ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟ ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ କେଦାରଗୌରୀ ମନ୍ଦିରରେ ଆଧ୍ୟାତ୍ମିକ ପରିବେଶରେ ବିଳମ୍ବିତ ରାତିରେ ସମାପନ ହୋଇଛି। ଦୈନିକ ନୀତି ସନ୍ଧ୍ୟାଧୂପ ସରିବା ପରେ ପ୍ରଭୁ ଶ୍ରୀଲିଙ୍ଗରାଜ, ମା'ପାର୍ବତୀ ଏବଂ ପ୍ରଭୁ ଅନନ୍ତ ବାସୁଦେବଙ୍କ ଚଳନ୍ତି ପ୍ରତିମାଙ୍କୁ ସେବାୟତମାନେ ଧରି ଆଡ଼କାଠ ନିକଟରେ ପହଞ୍ଚିଥିଲେ। ପୂଜାପଣ୍ଡା ସେବାୟତ ଆଜ୍ଞାମାଳ ଦେଇସାରିବା ପରେ ଶ୍ରୀଲିଙ୍ଗରାଜ ବିମାନରେ ଏବଂ ପ୍ରଭୁ ବାସୁଦେବ, ମା ପାର୍ବତୀ ପାଲିଙ୍କିରେ ବିରାଜମାନ ହୋଇଥିଲେ। ଠାକୁରାଣୀ ସନ୍ଧ୍ୟାଧୂପ, ବଡ଼ସିଂହାର ସରିବା ପରେ ପଞ୍ଚବକ୍ତ୍ର ଆଳତି ହୋଇ ମନ୍ଦିର ପହଡ଼ ପଡ଼ିଥିଲା। ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ମହାପ୍ରସାଦକୁ ବରଯାତ୍ରୀ ସେବାୟତମାନେ ଶ୍ରୀଲିଙ୍ଗରାଜ ମନ୍ଦିର ବେଢ଼ାରେ ଖାଇ ଆପ୍ୟାୟିତ ହୋଇଥିଲେ। ଏଥିସହ ସେବାୟତଙ୍କ ଦ୍ୱାରା ସିଂହଦ୍ୱାର ସମ୍ମୁଖରେ ପ୍ରସ୍ତୁତ ବିବାହ ଭୋଜିକୁ ଶତାଧିକ ଭକ୍ତ ଖାଇଥିଲେ। ଏଥିରେ ମନ୍ଦିର ପ୍ରଶାସନ ଓ ବିଏମ୍‌ସି ସେବାୟତମାନଙ୍କୁ ସହଯୋଗ କରିଥିଲେ। ବିଳମ୍ବିତ ରାତିରେ ଦେବଦମ୍ପତି ସୁସଜ୍ଜିତ ବିମାନ ଓ ପାଲିଙ୍କିରେ ଆଡ଼ମ୍ବରଭାବେ ରୋଶଣି, ବାଜା, ଘଣ୍ଟ ଘଣ୍ଟି, ନାଗା ନାଚର ତାଳେ ତାଳେ ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ କେଦାରଗୌରୀ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। କେଦାରଗୌରୀ ମନ୍ଦିର ନିକଟରେ ପହଞ୍ଚି ସାରିବା ପରେ ମା'ପାର୍ବତୀଙ୍କ ସେବାୟତମାନେ ଠାକୁରାଣୀଙ୍କୁ ପାଲିଙ୍କିରେ ନେଇ ତାଙ୍କର ମା' ଗୌରୀଙ୍କ ନିକଟରେ ଅବସ୍ଥାନ କରାଇଥିଲେ। ମନ୍ଦିର ପୁରୋହିତଙ୍କ ଅନୁପସ୍ଥିତି ଯୋଗୁ ପୁରୀ ରାଜଗୁରୁଙ୍କ ଦ୍ୱାରା ବାଟବରଣି କରାଯାଇ ମନ୍ଦିରକୁ ବିଜେ କରାଯାଇଥିଲା। ବେଦିରେ ବିବାହ କାର୍ଯ୍ୟ ସମ୍ପନ୍ନ ହେବା ପରେ ଦେବଦମ୍ପତିଙ୍କ ମଧ୍ୟରେ ହାତଗଣ୍ଠି ପଡ଼ିଥିଲା। ଏହାପରେ ଦେବ ଦମ୍ପତି ମନ୍ଦିର ସିଂହାସନକୁ ବିଜେ କରିଥିଲେ। ସେଠାରେ ପତ୍ରୀ ସେବକ ଠା' କରିଥିଲେ। ମନ୍ଦିର ପକ୍ଷରୁ ପର୍ବଯାତ୍ରା ବିଶୋୟୀଙ୍କ ଦ୍ୱାରା ପ୍ରସ୍ତୁତ ମାଣ୍ଡୁଅ ପିଠାକୁ ପୂଜାପଣ୍ଡା ସେବକ ଷୋଡ଼ଶ ଉପଚାରରେ ଭୋଗ ନୈବେଦ୍ୟ କରିଥିଲେ। ଭୋଗ ସରିବା ପରେ ଶ୍ରୀଲିଙ୍ଗରାଜଙ୍କ ପକ୍ଷରୁ ପୂଜାପଣ୍ଡା ସେବାୟତ ଓ ମା'ପାର୍ବତୀଙ୍କ ପକ୍ଷରୁ ପତ୍ରୀ ସେବାୟତଙ୍କ ମଧ୍ୟରେ ୭ଥର ଲେଖାଏ ୧୪ଥର କଉଡ଼ି ଖେଳ କରାଯାଇଥିଲା। ଏହା ପରେ ଆଳତି କରାଯାଇ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଉକ୍ତ ମାଙ୍ଗଳିକ ବିବାହ କାର୍ଯ୍ୟକୁ କେଦାରଗୌରୀ ମନ୍ଦିର ପରିଚାଳନା କମିଟି ସମ୍ପାଦନାରେ ସହଯୋଗ କରିଥିଲା।





# ମୁଖ୍ୟ ସଚିବଙ୍କୁ ଫେରାଦ ହେଲା ଅଭିଭାବକ ମହାସଂଘ

## ଘରୋଇ ସ୍କୁଲ୍ ୨୫% ସିଟ୍‌ରେ ନାମ ନ ଲେଖାଇବା ପ୍ରସଙ୍ଗ

ଭୁବନେଶ୍ୱର,୧୦।୬ (ଅନୁରାଧା ମହାରଣା)

ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଘରୋଇ ସ୍କୁଲରେ ୨୫% ସିଟ୍‌ରେ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନେ ପଢିବା ପାଇଁ ନିୟମ ରହିଛି। ଏହି ଆଧାରରେ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ସରକାର ଆବେଦନ ଗ୍ରହଣ କରି ଯୋଗ୍ୟ ବିବେଚିତ ପିଲାଙ୍କୁ ବିଭିନ୍ନ ସ୍କୁଲରେ ପଢିବା ପାଇଁ ସିଟ୍ ଆବଣ୍ଟନ କରିଛନ୍ତି। ମାତ୍ର କେତେକ ଘରୋଇ ସ୍କୁଲ ଯୋଗ୍ୟ ବିବେଚିତ ପିଲାଙ୍କ ନାମ ନ ଲେଖାଇ ଫେରାଇଦେଉଥିବା ଓଡ଼ିଶା ଅଭିଭାବକ ମହାସଂଘ ଅଭିଯୋଗ କରିଆସୁଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ମିଶ୍ର ଓ ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ ପ୍ରଜ୍ଞା ଜେନାଙ୍କୁ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେଣୁ ଉଭୟଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହାସଂଘ ମୁଖ୍ୟ ଶାସନ ସଚିବଙ୍କୁ ଅନୁରୋଧ କରିଛନ୍ତି। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ୧୮ ତାରିଖରେ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି । ସୂଚନାଥାଉକି, ନାମଲେଖାରେ ଅନିୟମିତତା ନେଇ ଓଡିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟ ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ତଥା ପାରଦର୍ଶୀ ପୋର୍ଟାଲର ନୋଡାଲ ଅଫିସର ଜ୍ୟୋତି ରଞ୍ଜନ ମିଶ୍ର ବ୍ୟକ୍ତିଗତ ହାଜରା ଦେଇ ପକ୍ଷ ରଖି ସବୁ ପିଲାଙ୍କୁ ସୁବନ୍ଦୋବସ୍ତ କରି ନାମ ଲେଖାଇବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ପ୍ରାୟ ତିନି ମାସ ହେଲା ୧୨୦ଜଣ ପିଲା ଭୁବନେଶ୍ୱରର ୪ଟି ପ୍ରମୁଖ ବେସରକାରୀ ସ୍କୁଲରେ ନାମ ଲେଖାଇବା ପାଇଁ ଅପେକ୍ଷା କରିଛନ୍ତି। ସରକାରଙ୍କ ତରଫରୁ ଯେଉଁ ଆଫିଡେଭିଟ୍ କୋର୍ଟକୁ ଦିଆଯାଇଛି ସେଥିରେ ଏହି ସ୍କୁଲଗୁଡିକରେ ପ୍ରାୟ ୧୨୦ ଗୋଟି ସିଟ ଖାଲି ଥିବା ଉଲ୍ଲେଖ ରହିଛି। ଏପରି ପରିସ୍ଥିତିରେ ସିଟ୍ ଥାଇ ନାମ ନ ଲେଖାଇବା ଦ୍ୱାରା ଉକ୍ତ ସ୍କୁଲଗୁଡିକ ଶିକ୍ଷା ଅଧିକାର ଆଇନର ଉଲ୍ଲଂଘନ କରିଥିବା ମହାସଂଘ ଦର୍ଶାଇଛି।

## ସଂକ୍ଷେପରେ

### ସ୍କୁଟିକୁ ଧକ୍କାଦେଲା ହାଇୱା, ଜଣେ ମୃତ

**କଳାପଥର,୧୦।୬(ଗଙ୍ଗାଧର ସାହୁ)**

ବାଙ୍କୀ-ଖୋର୍ଦ୍ଧା ରାସ୍ତାର ନଦୀକୁଣ୍ଡା ପୋଲ ନିକଟରେ ସୋମବାର ଏକ ହାଇୱା ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ହରିରାଜପୁରର ବ୍ରହ୍ମାନନ୍ଦ ପିରୋଇ। ଗୁରୁତର ଶିଶୁଆ ଗ୍ରାମର ଗଦାଧର ପରିଡ଼ାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଏକ ସ୍କୁଟିରେ ଗଦାଧର ଏବଂ ବ୍ରହ୍ମାନନ୍ଦ ରଗଡ଼ି ଅଭିମୁଖେ ଯାଉଥିଲେ। ନଦୀକୁଣ୍ଡା ପୋଲ ନିକଟରେ ଏକ ବାଲି ବୋଝେଇ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ବାଙ୍କୀ ମେଡିକାଲ ପଠାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ବ୍ରହ୍ମାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ।

### ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

**ଯାଁଳା,୧୦।୬(ବୁଲା ବାରିକ)**

୧୬ ନମ୍ବର ଜାତୀୟ ରାଜପଥର ଯାଁଳା ମେଡିକାଲ ଛକରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଗଞ୍ଜାମ ଜିଲା ଲଣ୍ଡାଜୁଆଳି ଗ୍ରାମର ଗୀତା ପ୍ରଧାନ। ସେ ଯାଁଳା ଅଞ୍ଚଳକୁ ଗତ ୮ଦିନ ହେବ ଆସିଥିବା ବେଳେ ଏକ ହୋଟେଲରେ ରହି କାମ କରିବାକୁ ସ୍ଥିର କରିଥିଲେ। ସୂଚନା ମୁତାବକ, ସୋମବାର ସନ୍ଧ୍ୟାରେ ଗୀତା ମେଡିକାଲ ଛକରେ ରାସ୍ତା ଅତିକ୍ରମ କରୁଥିଲେ। ଏହି ସମୟରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଗୀତା ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଖବରପାଇ ଇନ୍‌ଫୋସିଟି ଥାନା ପୋଲିସ ଗୀତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**କଳାପଥର,୧୦।୬(ଗଙ୍ଗାଧର ସାହୁ)**

ମା' ଚର୍ଚ୍ଚିକାଙ୍କ ପୀଠରେ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ବିଦ୍ୟାରତ୍ନ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରଥ କମିଟିର ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ରଥଯାତ୍ରା ପାଇଁ ଏଥର ୩ଟି ରଥ ଚାଲିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ରଥ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ଏବଂ ବାଙ୍କୀ ପ୍ରଶାସନ ସହଯୋଗ କରିବା ଲାଗି ଲିଖିତଭାବେ ଅନୁରୋଧ କରାଯାଇଛି। ପାନୀୟ ଜଳର ବ୍ୟବସ୍ଥା ସହ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ନିମନ୍ତେ ଆଲୋଚନା କରାଯାଇଥିଲା। ବୈଠକରେ କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ରଣା, କୋଷାଧ୍ୟକ୍ଷ ବୃନ୍ଦାବନ ପ୍ରଧାନ, ସମ୍ପାଦକ ଯୁଗଳ କିଶୋର, ବିବେକାନନ୍ଦ ସାମଲ, ସନାତନ ବେହେରା, ପଠାଣି ବେହେରା, ସଞ୍ଜୟ ପୃଷ୍ଟି, ଦେବରାଜ ରଣା, ପ୍ରଶାନ୍ତ ମହାପାତ୍ର, ପ୍ରଦୀପ ପୃଷ୍ଟି, ଶ୍ରୀବତ୍ସ ନାୟକ, କାଶୀନାଥ ସେଠୀ, ଶଶାଙ୍କ ଶେଖର ସ୍ୱାଇଁ, ବଲ୍ଲଭ କୁମାର ସାମଲ, ସମରେନ୍ଦ୍ର ମହାପାତ୍ର, ବଳଭଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ପୋଥି ପଠନ ଉତ୍ସବ ଉଦ୍‌ଯାପିତ

**ବେଗୁନିଆ,୧୦।୬(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମର ସଡ଼କ ସାହିରେ ଶ୍ରୀରାମ ନବମୀଠାରୁ ଚାଲିଥିବା ରାମଲୀଳା ପୋଥି ଶ୍ରୀରାମଙ୍କର ଲୀଳା ଆଦ୍ୟକାଣ୍ଡଠାରୁ ଲଙ୍କାକାଣ୍ଡ ପର୍ଯ୍ୟନ୍ତ ପଠନ କାର୍ଯ୍ୟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଅବସରରେ ଶେଷ ବନ୍ଦନା 'ଉଠ ରାମ ପାହିଲା ରଜନୀ' ଶ୍ରଦ୍ଧାଳୁଙ୍କ ମନରେ ଭକ୍ତିଭାବ ଜାଗ୍ରତ କରିଥିଲା। ବାଙ୍କୋଇ ଗଡ଼ର ତତ୍କାଳୀନ କବି ସ୍ୱର୍ଗତ ଅନଙ୍ଗ ନରେନ୍ଦ୍ରଙ୍କ ଦ୍ୱାରା ରଚିତ ଏବଂ ବଡ଼ବେରଣାର ସ୍ୱର୍ଗତ କାହ୍ନୁ ମାଝୀଙ୍କ ଦ୍ୱାରା ଲିଖିତ ପୋଥି ଏହି ଗ୍ରାମର ସ୍ୱର୍ଗତ ପଞ୍ଚୁ ମାଝୀ, ସ୍ୱର୍ଗତ ଖଲି ମାଝୀ, ସ୍ୱର୍ଗତ ଅନନ୍ତ ପଣ୍ଡା, ସ୍ୱର୍ଗତ ବଟକୃଷ୍ଣ ପଣ୍ଡା, ସ୍ୱର୍ଗତ ସୋମନାଥ ମହାପାତ୍ର, ସ୍ୱର୍ଗତ କାଳନ୍ଦୀ ମାଝୀ, ସ୍ୱର୍ଗତ ଭଗବାନ ମହାପାତ୍ର ପ୍ରମୁଖ ବିଂଶ ଶତାବ୍ଦୀରେ ଏହି ଉତ୍ସବକୁ କାର୍ଯ୍ୟକାରୀ କରିଥିଲେ। ସେମାନଙ୍କ ଉତ୍ତରପିଢ଼ିଙ୍କ ଦ୍ୱାରା ବର୍ତ୍ତମାନ ଏହା ଜାରି ରହିଛି।

# ରାସ୍ତାକଡ଼ ପାର୍କିଂ ବଢ଼ାଉଛି ଟ୍ରାଫିକ୍ ସମସ୍ୟା

**ଖୋର୍ଦ୍ଧା,୧୦।୬(ପ୍ରଭାତ ପାଣିଗ୍ରାହୀ)**



- କ୍ୟାବିନମୁକ୍ତ ଅଭିଯାନ କାଗଜକଲମରେ ସୀମିତ
- ଲୋକେ ସଚେତନ ହେଲେ ସମାଧାନ ହେବ: ଅତିରିକ୍ତ ଏସ୍‌ପି

ଖୋର୍ଦ୍ଧା ସହରରେ ଟ୍ରାଫିକ୍ ସମସ୍ୟା ବଢ଼ିଚାଲିଛି। ଖୋର୍ଦ୍ଧା-ନୟାଗଡ଼ ରାସ୍ତା, ମୁକୁନ୍ଦପ୍ରସାଦଠାରୁ ମେଡିକାଲ, ଟ୍ରାଫିକ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ମୁଣ୍ଡବ୍ୟଥା ବଢ଼ାଇଲାଣି। ଫଳରେ ଯାତାୟାତ କରିବାରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପର୍ବପର୍ବାଣି ସମୟରେ ବଜାରରେ ଭିଡ଼ ରହୁଛି। ସନ୍ଧ୍ୟାରେ ଦୋକାନ ଆଗରେ ବାଇକ୍ ପାର୍କିଂ, ଯାନବାହନ ଚଳାଚଳ ଯୋଗୁ ଚାଲିକି ଯିବା ସମ୍ଭବ ହେଉନି। ନୟାଗଡ଼ରୁ ଭୁବନେଶ୍ୱରକୁ ବହୁ ଘରୋଇ ବସ୍ ଚଳାଚଳ କରୁଛି। ଯାତ୍ରୀ ଉଠାଇବା ଏବଂ ଓହ୍ଲାଇବା ଲାଗି ବସ୍‌ଗୁଡିକ ଖୋର୍ଦ୍ଧା କ୍ଳବ, ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଅଟକି ରହୁଛନ୍ତି। ପୁରୁଣା ବସ୍‌ଷ୍ଟାଣ୍ଡରୁ ହଳଦିଆ, ଗଡ଼ମାଣିତ୍ରୀ, ଜଟଣୀ ଆଦି ଅଞ୍ଚଳକୁ ମିନିବସ୍, କ୍ୟାଣ୍ଟର ଚଳାଚଳ କରୁଛି। ଏହି ବସ୍‌ଗୁଡିକ ମଧ୍ୟ ଯାତ୍ରୀଙ୍କୁ ଅପେକ୍ଷା କରି ରହୁଛନ୍ତି। ଅନ୍ୟପଟେ ମୁଖ୍ୟ ଡାକଘର ନିକଟ ଗଳି ଗୁରୁଜଙ୍ଗଠାରୁ କେରଙ୍ଗ, ହଳଦିଆ, ଟାଙ୍ଗିଆପଡା ଆଦି ଗ୍ରାମକୁ ଯିବା ଲାଗି ଏକମାତ୍ର ରାସ୍ତା ରହିଛି। ଫଳରେ ଏଠାରେ ସବୁ ସମୟରେ ଟ୍ରାଫିକ୍ ସମସ୍ୟା ରହୁଛି।

ଟ୍ରାଫିକ୍ ଛକ ନିକଟରେ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ, ଟାଉନ ଥାନା, ଉପଜିଲାପାଳ ଏବଂ ତହସିଲଦାରଙ୍କ କାର୍ଯ୍ୟାଳୟ ସମେତ ସମବାୟ ବ୍ୟାଙ୍କ ନିକଟରେ ପୌର ପରିଷଦର କାର୍ଯ୍ୟାଳୟ ରହିଛି। ଟ୍ରାଫିକ୍ ଛକଠାରୁ ସମବାୟ ଛକ ଏବଂ ସମବାୟ ଛକଠାରୁ ପୁରୁଣା ମେଡିକାଲ ରାସ୍ତାର ଉଭୟ ପାର୍ଶ୍ୱରେ ଉଠାଦୋକାନ, ପରିବା ଏବଂ ଗ୍ରୋସରି ସମେତ ଅନ୍ୟାନ୍ୟ ଦୋକାନ ରହିଛି। ଫଳରେ ସବୁ ସମୟରେ ଗ୍ରାହକଙ୍କ ଭିଡ଼ ରହୁଛି। ପୁଣି ଯାନବାହନ ଚଳାଚଳ ଯୋଗୁ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ରହୁଛି। ସେହିପରି କୋର୍ଟ ଛକ ହାବେଳି ପଡ଼ିଆ ଏବଂ ନୂଆ ବସ୍‌ଷ୍ଟାଣ୍ଡ ରାସ୍ତା ଉପରେ ସକାଳୁ ରାତି ପର୍ଯ୍ୟନ୍ତ ବାଇକ୍ ପାର୍କିଂ ହୋଇ ରହୁଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ବ୍ୟାଙ୍କ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ମଧ୍ୟରେ ଗୋଟିଏ ପାର୍ଶ୍ୱରେ ବହୁତଳ ଶପିଂ ମଲ୍, ଘରୋଇ ବ୍ୟାଙ୍କ, ବିଭିନ୍ନ ଦୋକାନ ରହିଛି। ଫଳରେ ଏଠାରେ ଜନଗହଳି ରହୁଛି। ମୁକୁନ୍ଦପ୍ରସାଦଠାରୁ ମାରୱାଡି ପଟି, ଟ୍ରାଫିକ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଛକ, ପେଟ୍ରୋଲ ପମ୍ପ ଛକରେ ଟ୍ରାଫିକ ଅନିୟନ୍ତ୍ରିତ ହୋଇପଡୁଛି। ପେଟ୍ରୋଲ ପମ୍ପଠାରୁ ମାରୱାଡି ପଟି ରାସ୍ତା ସଙ୍କୁଚିତ ହୋଇ ରହିଛି। ଅନ୍ୟପଟେ ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ୍ ପାର୍କିଂ ଏବଂ ଚାରିପଟେ ଦୋକାନ ବଜାର ଏବଂ କ୍ୟାବିନ ରହି ରାସ୍ତାକୁ ସଙ୍କୁଚିତ କରୁଛି। କୌଣସି ପର୍ବପର୍ବାଣି ପଡ଼ିଲେ ପ୍ରତି ୧୦ରୁ ୧୫ ମିନିଟ୍ ବ୍ୟବଧାନରେ ଏଠାରେ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ଅନେକ ସମୟରେ ମେଡିକାଲରୁ ଗୁରୁତର ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ଭିଡ଼ରେ ଫସି ରହୁଥିବା ନଜିର ରହିଛି। ଉଭୟ ପାର୍ଶ୍ୱ ଦୋକାନ ଆଗରେ ବାଇକ୍ ପାର୍କିଂ ଯୋଗୁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ସନ୍ଧ୍ୟାରେ ଟ୍ରାଫିକ୍ ସମସ୍ୟା ଦ୍ୱିଗୁଣ ହେଉଛି। ଉଭୟପଟୁ ଯାନବାହନଗୁଡିକ ଏକ କିମି ବ୍ୟାପୀ ଅଟକି ରହୁଥିବା ଦେଖିବାକୁ ମିଳିଛି। ଏହି ରାସ୍ତାରେ ମେଡିକାଲ, ବନ ବିଭାଗ କାର୍ଯ୍ୟାଳୟ, ଘରୋଇ ଶିକ୍ଷାନୁଷ୍ଠାନ, ଦୁଇଟି ଶପିଂ ମଲ୍, ଔଷଧ ଦୋକାନ, ପେଟ୍ରୋଲ ପମ୍ପ, ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ, ମୁଖ୍ୟ ଡାକଘର, ଶତାଧିକ କ୍ୟାବିନ ରହିଛି। ରାସ୍ତା ଉପରେ ରହିଥିବା କ୍ୟାବିନ ହଟାଇବା ଲାଗି ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ରାଜନୈତିକ ଇଚ୍ଛାଶକ୍ତି ଏବଂ ଜିଲା ପ୍ରଶାସନର ଅବହେଳାରୁ ଖୋର୍ଦ୍ଧା ସହରକୁ କ୍ୟାବିନମୁକ୍ତ ଅଭିଯାନ ସରକାରୀ କାଗଜ କଲମରେ ସୀମିତ ରହିଯାଇଛି। ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ଏସ୍.ଏନ୍. ମୁର୍ମୁ କହିଛନ୍ତି, ଟ୍ରାଫିକ୍ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଉଛି। ଜନଗହଳି ସ୍ଥାନରେ ଟ୍ରାଫିକ୍ କନ୍‌ଷ୍ଟେବଲ ଡ୍ୟୁଟି କରୁଛନ୍ତି। ଟ୍ରାଫିକ୍ ନିୟନ୍ତ୍ରଣ ପ୍ରତି ଗୁରୁତ୍ୱ ଦିଆଯିବ। ଏଥିପାଇଁ ଲୋକଙ୍କ ସହଯୋଗ ନିତାନ୍ତ ଜରୁରୀ। ଅଯଥା ଜାଗାରେ ବାଇକ୍ ପାର୍କିଂ କରି ରାସ୍ତା ଅବରୋଧ କରୁଛନ୍ତି। ଲୋକେ ସଚେତନ ହେଲେ ଏଭଳି ସମସ୍ୟାର ସମାଧାନ ହୋଇପାରିବ।

### ଲୁହାରଡ୍ ଚୋରି, ୩ ଗିରଫ

**ବାରଙ୍ଗ,୧୦।୬(ଲିଙ୍ଗରାଜ ରାଉତ)**

ଚନ୍ଦକା ଥାନା ଅଞ୍ଚଳର ଏକ ନିର୍ମାଣାଧୀନ ସଂସ୍ଥାରୁ ଲୁହାରଡ୍ ଚୋରି କରିବା ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ଥାନା ଅନ୍ତର୍ଗତ ଖେଜାପଡା ଗ୍ରାମର ପ୍ରମୋଦ ନାୟକ (୨୭), ବାଙ୍କୀ ଥାନା କୁସୁନ୍ଦା ଅଞ୍ଚଳର ସଞ୍ଜୟ ମଲିକ ଓ ବୋଲଗଡ଼ ଥାନା ରାଜସୁନାଖଳା ଗ୍ରାମର ବିଷ୍ଣୁ ନାୟକ (୧୯)। ଏମାନଙ୍କ ନିକଟରୁ ସ୍କୁଟି ସହ ଲୁହାରଡ୍ ଓ ଆଙ୍ଗେଲ ଜବତ ହୋଇଛି। ସୂଚନା ମୁତାବକ, କାଟେଣୀ-ନାକାଗେଟ ରାସ୍ତା ନିର୍ମାଣକାରୀ ସଂସ୍ଥା ପରିସରରୁ ରବିବାର ଉପରୋକ୍ତ ଅଭିଯୁକ୍ତମାନେ ୭୬ କେଜି ଲୁହାରଡ୍ ଓ ଆଙ୍ଗେଲ ଚୋରିକରି ଫେରାର ହୋଇଯାଇଥିଲେ। ଏନେଇ ଦାୟିତ୍ୱରେ ଥିବା କର୍ମଚାରୀ ମନୋଜ ପଣ୍ଡା ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୧୮/୨୪) ରୁଜୁକରି ତଦନ୍ତ ଚଳାଇବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

### ହାଇୱା ଧକ୍କାରେ ଭାଙ୍ଗିଲା ପାଚେରି

**ବେଗୁନିଆ,୧୦।୬(ସନ୍ଧ୍ୟାରାଣୀ ମିଶ୍ର)**

ବାଘମାରୀ-କଣ୍ଟିଲୋ ରାଜ୍ୟ ରାଜପଥର ସିମୋର ଛକ ପୂର୍ବରୁ ଏକ ହାଇୱା ଭାରସାମ୍ୟ ହରାଇ ସୁରେଶ ଚନ୍ଦ୍ର ଛୋଟରାୟଙ୍କ ଘର ପାଚେରିକୁ ଧକ୍କା ଦେଇଥିଲା। ପାଚେରି ଭାଙ୍ଗିଯିବା ସହ ଚାଳକ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଆହତ ଚାଳକଙ୍କୁ ମେଡିକାଲ ପଠାଇଥିଲେ।

# ଶୀତଳଷଷ୍ଠୀ ମହୋତ୍ସବ 'ସମ୍ପର୍କ' ଉଦ୍‌ଘାଟିତ




ଶୀତଳଷଷ୍ଠୀ ମହୋତ୍ସବ 'ସମ୍ପର୍କ' ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

**ବେଗୁନିଆ,୧୦।୬ (ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଶୀତଳଷଷ୍ଠୀ ମହୋତ୍ସବ 'ସମ୍ପର୍କ' ସୋମବାର ଉଦ୍‌ଘାଟିତ ହୋଇଯାଇଛି। କମିଟି ସଭାପତି ସରୋଜ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନବନିର୍ବାଚିତ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ ମହୋତ୍ସବର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବଡ଼ବେରଣା ସରପଞ୍ଚ ଅସିତ୍ ତ୍ରିପାଠୀ, ଆୟୋଜକ କମିଟି ସମ୍ପାଦକ ରଞ୍ଜିତ ତ୍ରିପାଠୀ, ଗ୍ରାମ୍ୟ କମିଟି ସଭାପତି ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାରମାସରେ ତେରପର୍ବ ଭଳି ବର୍ଷତମାମ୍ ଗ୍ରାମରେ ପାଳନ କରାଯାଏ ଅନେକ ପରମ୍ପରା। ସେଠାରେ ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥାଏ। ବିଶେଷକରି ଭାଇଚାରାର ଭାବଧାରା ଗୁଞ୍ଜରିତ ହୁଏ। ସେହିପରି କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପାରମ୍ପରିକ ଲୋକନୃତ୍ୟର ଝଲକ ଦର୍ଶକମାନଙ୍କୁ ଉଲ୍ଲସିତ କରେ ବୋଲି ମୁଖ୍ୟ ଅତିଥି ସାହୁ ଉଦ୍‌ବୋଧନ ଦେଇ କହିଥିଲେ। ସେହିପରି ମହାପ୍ରଭୁ ବିଶ୍ୱନିୟନ୍ତାଙ୍କ ବିଭିନ୍ନ ବେଶ ମଧ୍ୟରୁ ସୁନାବେଶ, ଲକ୍ଷ୍ମୀ ନୃସିଂହ ବେଶ ଏବଂ ନାଗାର୍ଜୁନ ବେଶରେ ଭୂଷିତ ହୋଇ ପଡ଼ିଆ ପରିସରରେ ଆଧ୍ୟାତ୍ମିକତାର ପରିଚୟ ପ୍ରସ୍ଫୁଟିତ ହୋଇଛି, ଯାହା ଦର୍ଶକଙ୍କୁ ଆକର୍ଷିତ କରୁଛି। ଆୟୋଜକ କମିଟି ଆନୁକୂଲ୍ୟରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଦର୍ଶକମାନଙ୍କ ପାଇଁ ପ୍ରଥମ ସନ୍ଧ୍ୟାରେ ଓଡ଼ିଶୀ ସଙ୍ଗୀତ, ପାଇକ ଆଖଡ଼ା ପ୍ରଦର୍ଶନ, ଆଦିବାସୀ ନୃତ୍ୟ, ଢୋଲ ନିଶାଣର ନୃତ୍ୟ ସହ ବିଭିନ୍ନ ଲୋକକଳା ପରିବେଷଣ ହୋଇଥିଲା। ଶିକ୍ଷକ ଅଖିଳେଶ ମହାପାତ୍ର ଓ ସନ୍ତୋଷ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସୂଚନାଥାଉ କି, ପ୍ରତିବର୍ଷ ଭଳି ଚଳିତ ବର୍ଷ ଗ୍ରାମର ଆରାଧ୍ୟ ଦେବ ବାଲୁଙ୍କେଶ୍ୱର ଦେବଙ୍କ ଶୀତଳଷଷ୍ଠୀ ଯାତ୍ରା ସୋମବାର ଠାରୁ ଆରମ୍ଭ ହୋଇଯାଇଛି। ସନ୍ଧ୍ୟାରେ ବାଲୁଙ୍କେଶ୍ୱର ଦେବ ଦୋଳ ବିମାନରେ ବସି ଗ୍ରାମ ପରିକ୍ରମା କରିବା ସହ ଚାଚେରି ଭୋଗ ଲାଗି କରାଯାଇଛି। ପୀଠ ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଶୁଭ ଅଙ୍କୁରାରୋପଣ, ଶାଳା ମଣ୍ଡନ ଆଦି ଯଜ୍ଞ ବିଧି ମୁତାବକ କରାଯାଇଛି।




ଶୀତଳଷଷ୍ଠୀ ମହୋତ୍ସବ 'ସମ୍ପର୍କ' ଉଦ୍‌ଘାଟନୀ ଅବସରରେ ବାଦ୍ୟ ପରିବେଷଣ କରାଯାଉଛି।

### ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

**ନିମାପଡ଼ା, ୧୦।୬(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ବାହାରେଣା ପଞ୍ଚାୟତର ସଇଦାବାଦ ଗ୍ରାମରେ ପୋଖରୀରେ ବୁଡ଼ିଯାଇ ସରୋଜିନୀ ସାହୁ (୪୯)ଙ୍କ ମୃତ୍ୟୁ ଘଟିଛି। ସୋମବାର ସକାଳେ ସରୋଜିନୀ ତାଙ୍କ ବାପଘର ନିକଟସ୍ଥ ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ତାଙ୍କ ଗୋଡ଼ ଖସିଯିବାରୁ ସେ ଗଭୀର ପାଣିରେ ବୁଡ଼ିଯାଇଥିଲେ। କିଛି ସମୟ ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚାରିଚକ ମେଡିକାଲକୁ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଚାରିଚକ ଥାନା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ମୃତା ମହିଳାଙ୍କ ଭାଇ ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨/୨୪) ରୁଜୁ କରି ତଦନ୍ତ ଚଳାଇଛି।

### ମା' ଉଗ୍ରତାରାଙ୍କ ହୁଣ୍ଡିରୁ ୯.୬୮ ଲକ୍ଷ ମିଳିଲା



**ଟାଙ୍ଗୀ, ୧୦।୬(ରଘୁନାଥ ସାହୁ)**

ଆଉ ଦିନ କେଇଟା ପରେ ରଜ ପର୍ବ। ଏହି ପର୍ବପୂର୍ବରୁ ଖୋର୍ଦ୍ଧା ଜିଲା ଭୁଷଣ୍ଡପୁରସ୍ଥିତ ମା' ଉଗ୍ରତାରା ମନ୍ଦିରର ହୁଣ୍ଡି ଖୋଲାଯାଇଛି। ଟାଙ୍ଗୀ ତହସିଲଦାର ମିତାଲି ପାତ୍ର, ବିଡିଓ ରେଶ୍ମା ଟେଟେ, ଭୂଷଣ୍ଡପୁର ରେଭିନ୍ୟୁ ଇନ୍‌ସପେକ୍ଟର କୈଳାସ ଚନ୍ଦ୍ର ଦଳାଇଙ୍କ ସମେତ ଟ୍ରଷ୍ଟ ସଦସ୍ୟମାନଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇଥିଲା। ତେବେ ହୁଣ୍ଡିରୁ ୯ ଲକ୍ଷ ୬୮ ହଜାର ୧୪୭ ଟଙ୍କା ମିଳିଥିବା ଜଣାପଡ଼ିଛି। ଏହା ପୂର୍ବରୁ ୨୦୨୩ ନଭେମ୍ବରରେ ମଧ୍ୟ ଏହି ହୁଣ୍ଡି ଖୋଲାଯାଇଥିଲା।

## ମୁଖ୍ୟ ସଚିବଙ୍କୁ ଫେରାଦ ହେଲା ଅଭିଭାବକ ମହାସଂଘ

**ଭୁବନେଶ୍ୱର,୧୦।୬(ଅନୁରାଧା ମହାରଣା)**

**ଘରୋଇ ସ୍କୁଲ୍ ୨୫% ସିଟ୍‌ରେ ନାମ ନ ଲେଖାଇବା ପ୍ରସଙ୍ଗ**

ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଘରୋଇ ସ୍କୁଲରେ ୨୫% ସିଟ୍‌ରେ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନେ ପଢିବା ପାଇଁ ନିୟମ ରହିଛି। ଏହି ଆଧାରରେ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ସରକାର ଆବେଦନ ଗ୍ରହଣ କରି ଯୋଗ୍ୟ ବିବେଚିତ ପିଲାଙ୍କୁ ବିଭିନ୍ନ ସ୍କୁଲରେ ପଢିବା ପାଇଁ ସିଟ୍ ଆବଣ୍ଟନ କରିଛନ୍ତି। ମାତ୍ର କେତେକ ଘରୋଇ ସ୍କୁଲ ଯୋଗ୍ୟ ବିବେଚିତ ପିଲାଙ୍କ ନାମ ନ ଲେଖାଇ ଫେରାଇଦେଇଥିବା ଓଡ଼ିଶା ଅଭିଭାବକ ମହାସଂଘ ଅଭିଯୋଗ କରିଆସୁଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ମିଶ୍ର ଓ ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ ପ୍ରଜ୍ଞା ଜେନାଙ୍କୁ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେଣୁ ଉଭୟଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହାସଂଘ ମୁଖ୍ୟ ଶାସନ ସଚିବଙ୍କୁ ଅନୁରୋଧ କରିଛନ୍ତି। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ୧୮ ତାରିଖରେ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି। ପ୍ରକାଶ ଯେ, ନାମଲେଖାରେ ଅନିୟମିତତା ନେଇ ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ପାରଦର୍ଶୀ ପୋର୍ଟାଲର ନୋଡାଲ ଅଫିସର ଜ୍ୟୋତି ରଞ୍ଜନ ମିଶ୍ର ବ୍ୟକ୍ତିଗତ ହାଜରା ଦେଇ ପକ୍ଷ ରଖି ସବୁ ପିଲାଙ୍କୁ ସୁବନ୍ଦୋବସ୍ତ କରି ନାମ ଲେଖାଇବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ।

## 'ମୋର ପ୍ରିୟ ପୁସ୍ତକ' ଆଲୋଚନାଚକ୍ର

**ଖୋର୍ଦ୍ଧା,୧୦।୬(ପ୍ରଭାତ ପାଣିଗ୍ରାହୀ)**

ସ୍ଥାନୀୟ ଶ୍ରୀରାମ ନଗରସ୍ଥିତ ଖୋର୍ଦ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ 'ମୋର ପ୍ରିୟ ପୁସ୍ତକ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା ଐତିହ୍ୟ ଗବେଷକ ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୁସ୍ତକ କିପରି ଜ୍ଞାନବର୍ଦ୍ଧନ ସହ ଆଲୋକ ଓ ଆନନ୍ଦ ପ୍ରଦାନ କରେ ସେ ସମ୍ପର୍କରେ ସାହିତ୍ୟିକମାନେ ଆଲୋଚନା କରିଥିଲେ। ସମ୍ପାଦକ ଶିଶୁ ସାହିତ୍ୟିକ ବିଭୁ ପ୍ରସାଦ ହରିଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି କବି ବୈକୁଣ୍ଠନାଥ ରାଜଗୁରୁ ମାଟିର ମହାକବି ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ଶ୍ରେଷ୍ଠ କୃତି ଜ୍ଞାନପୀଠ ପୁରସ୍କାରପ୍ରାପ୍ତ 'ପାଣ୍ଡୁଲିପି' କିପରି ଓଡ଼ିଆ କବିତାର ନୂତନ ମାର୍ଗଦର୍ଶନରେ ଗୁରୁଦାୟିତ୍ୱ ନିର୍ବାହ କରିଥିଲା ସେ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, ସମ୍ମାନିତ ଅତିଥି ସୌଦାମିନୀ ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ବଂଶୀଧର ଦାସ, ଡ. ରବିନାରାୟଣ ସେନାପତି ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଆଇନଜ୍ଞ ବିଜୟ ସାମନ୍ତସିଂହାର ଓ କବି ବାସୁଦେବ ସାହୁ ପୁସ୍ତକ ପଠନର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ହରିଚନ୍ଦନ ଉପେନ୍ଦ୍ର ଭଞ୍ଜଙ୍କ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' ରୀତିଯୁଗର କିପରି ମାର୍ଗଦର୍ଶନ କରିଥିଲା ଓ ପ୍ରଣୟ ତାପସ କବି ମାନସିଂହଙ୍କ ଧୂପ ତାଙ୍କୁ ପ୍ରଭାବିତ କରିଥିଲା ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସଭାପତି ଇତିଶ୍ରୀ ସାହୁ ମତବ୍ୟକ୍ତ କରିବା ସହ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ବାର୍ଷିକ ଇଜ୍‌ତେମା ଉଦ୍‌ଯାପିତ

**ଖୋର୍ଦ୍ଧା,୧୦।୬(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ମହମୁଦାବାଦ ମସ୍‌ଜିଦ୍ ପରିସରରେ ଅଲ୍ ଓଡ଼ିଶା ଅହମ୍ମଦୀୟା ଯୁବ ସଙ୍ଗଠନ ମଜଲିସ୍ ଖୁଦ୍ଦାମୁଲ ଓ ଅତଫାଲୁଲ ଅହମ୍ମଦୀୟାର ୪୬ତମ ରାଜ୍ୟସ୍ତରୀୟ ବାର୍ଷିକ ଇଜ୍‌ତେମା ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିବସରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଭଲିବଲ ଫାଇନାଲ ମ୍ୟାଚ୍ କେରଙ୍ଗ ଓ ପଙ୍କାଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ କେରଙ୍ଗ ଦଳ ୧୫-୧୩ ଏବଂ ୧୫-୧୦ରେ ବିଜୟୀ ହୋଇଥିଲା। ସେହିପରି ଫୁଟ୍‌ବଲ ଫାଇନାଲ ମ୍ୟାଚ୍ କେରଙ୍ଗ ଓ ମହମୁଦାବଦା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ଟାଇବ୍ରେକରରେ ୫-୪ ଗୋଲରେ କେରଙ୍ଗ ଟିମ୍ ବିଜୟୀ ହୋଇଥିଲା।

ଉଦ୍‌ଯାପନୀ ଉତ୍ସବରେ ଅଖିଳ ଭାରତ ଅହମ୍ମଦୀୟା ଯୁବ ସଙ୍ଗଠନର ସଭାପତି ମୌଲାନା ଶମିମ୍ ଅହମ୍ମଦ ଘୋରି ପୌରୋହିତ୍ୟ କରିଥିଲେ। କୋରାନ୍ ପାଠ ଇରଫାନ ଅଲ୍ଲୀ କରିଥିବା ବେଳେ ଯୁବ ସଙ୍ଗଠନର ସଭାପତି ଶପଥ ପାଠ କରାଇଥିଲେ। ମୁଖ୍ୟ ଅତିଥିଭାବେ ଇଷ୍ଟ ଇଣ୍ଡିଆ ମଜଲିସ୍ ଅନ୍‌ସାରୁଲ୍ଲା ସଙ୍ଗଠନର ଉପସଭାପତି ଶରାଫତ ଖାଁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ସଭାପତି ଅମିରୁଦ୍ଦିନ ଖାଁ, କଟକ ଜିଲାର ସଭାପତି ଅବଦ୍ଧୁଲ ମାଲିକ ଏବଂ ଇଷ୍ଟ ଇଣ୍ଡିଆ ଅହମ୍ମଦୀୟା ଯୁବ ସଙ୍ଗଠନ ଉପସଭାପତି ସୟଦ ଅକିଲ ଅହମ୍ମଦ ଉପସ୍ଥିତ ଥିଲେ। ସଭାପତିତ୍ୱ ଭାଷଣରେ ମୌଲାନା ଶମିମ୍ ଅହମ୍ମଦ ଘୋରି କହିଥିଲେ, ଖେଳର ପ୍ରକୃତ ଉଦ୍ଦେଶ୍ୟ ହେଉଛି ମଣିଷର ସ୍ୱାସ୍ଥ୍ୟ ଭଲ ରଖିବା। ଖେଳରେ ଅମାନୁଷିକତା ରହିବା ଉଚିତ ନୁହେଁ। ଖେଳ ପ୍ରତି ଆତ୍ମଭାବ ରହିବା ଦରକାର। ମହାପୁରୁଷମାନେ ଆମ ପାଇଁ ଆଦର୍ଶ। ଯୁବକମାନେ ଇଣ୍ଟରନେଟ୍‌ର ଉପକାରିତା ବୁଝି ତାହାକୁ ବ୍ୟବହାର କରିବା ପାଇଁ ଅହମ୍ମଦୀୟା ଯୁବ ସମାଜକୁ ସେ ଆହ୍ୱାନ ଦେଇଥିଲେ। ଧାର୍ମିକ ଓ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଧାର୍ମିକ ଓ କ୍ରୀଡ଼ା ପ୍ରତିଯୋଗିତାରେ କେରଙ୍ଗ ଯୁବ ସଙ୍ଗଠନ ଚାମ୍ପିୟନ ହୋଇଥିଲା।

## ସଂକ୍ଷେପରେ

### ସାଇବର ଥାନାରେ ଏତଲା ଦେଲା ଯୁବ କଂଗ୍ରେସ

**କଂଗ୍ରେସ ବିଜୟ ଶୋଭାଯାତ୍ରାରେ ପାକିସ୍ତାନ ଜିନ୍ଦାବାଦ୍ ନାରା ଘଟଣା**

କଟକ,୧୦।୬(ଶିପ୍ରା ପ୍ରିୟଦର୍ଶିନୀ)

କଂଗ୍ରେସର ବିଜୟ ଶୋଭାଯାତ୍ରା ଭିଡିଓକୁ ଏଡିଟ୍ କରି ଅପପ୍ରଚାର କରାଯିବା ଘଟଣାରେ ସିଏମ୍‌ସିର ୧୩ ନମ୍ବର ୱାର୍ଡ ବାସିନ୍ଦା ଓ ଯୁବ କଂଗ୍ରେସ ପକ୍ଷରୁ ସୋମବାର ସ୍ଥାନୀୟ ସାଇବର ଥାନାରେ ଏତଲା ଦିଆଯାଇଛି। ସିଏମ୍‌ସି ଅଧୀନ ୧୩ ନମ୍ବର ୱାର୍ଡରେ ନବ ନିର୍ବାଚିତ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ବିଜୟ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପିଲାମାନେ ମହମ୍ମଦ ମୋକିମ ଜିନ୍ଦାବାଦ, ସୋଫିଆ ଫିର୍ଦ୍ଦୋସ ଜିନ୍ଦାବାଦ ଓ ହାତ ଚିହ୍ନ ଜିନ୍ଦାବାଦ୍‌ର ନାରା ଦେଇଥିଲେ। କେତେଜଣ ଅସାମାଜିକ ବ୍ୟକ୍ତି ଉକ୍ତ ଶୋଭାଯାତ୍ରାର ଭିଡିଓକୁ ଏଡିଟ୍ କରି ପାକିସ୍ତାନ ଜିନ୍ଦାବାଦ୍ ନାରା ଦିଆଯାଉଥିବା କହି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। କଟକ ପରିବେଶକୁ ଖରାପ କରିବା ଓ ସୋଫିଆଙ୍କୁ ବଦ୍‌ନାମ୍ କରିବା ପାଇଁ ଏଭଳି ଉଦ୍ୟମ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଯୁବ କଂଗ୍ରେସ ପକ୍ଷରୁ ଦାବି ହୋଇଛି। ଏନେଇ ୧୩ ନମ୍ବର ୱାର୍ଡ ବାସିନ୍ଦା ବି. ଡେଭିଡ୍ କହିଛନ୍ତି, ସୋଫିଆଙ୍କ ବିଜୟୀ ଉତ୍ସବ ଶୋଭାଯାତ୍ରାରେ ପାକିସ୍ତାନ ଜିନ୍ଦାବାଦ୍‌ର ନାରା ଦିଆଯାଇନାହିଁ। କୁଚକ୍ରାନ୍ତକାରୀମାନେ ଏହାର ଭିଡିଓକୁ ଏଡିଟ୍ କରି ଏଭଳି କରିଛନ୍ତି। ସାଇବର ଥାନାରେ ଏତଲା ଦେଇଛୁ। ଘଟଣାର ତଦନ୍ତ କରାଯିବ ନେଇ ଥାନା ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।

### ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର

ମଙ୍ଗୁଳି-ଜଗତପୁର,୧୦।୬(ମାନସ ସାମଲ)

ସାରସ୍ୱତ ଅନୁଷ୍ଠାନ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର ଓ ଆଲୋଚନାଚକ୍ର ଜଗତ୍‌ପୁରସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରକୁ ଆଇନଜୀବୀ ପତିତପାବନ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଦୁର୍ଗା ସାହିତ୍ୟ ସଂସଦ ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ, ମୁଖ୍ୟବକ୍ତା ଶ୍ରାବଣୀ ସାହିତ୍ୟ ସଂସଦ ସଭାପତି କବି ଉଦୟ କେଶରୀ ବର୍ମା, ସମ୍ମାନିତ ଅତିଥି ଭାବେ କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ମନୋରଞ୍ଜନ ପଣ୍ଡା ଓ କବି ମାନସ ଦାସଙ୍କ ସଂଯୋଜନାରେ କବି ବସନ୍ତ ସାହୁ, ସଚ୍ଚିଦାନନ୍ଦ କର, ଛବିରାମ ସେଠୀ, ଭୀମସେନ ସାହୁ, କ୍ଷୀରୋଦ ଜେନା, ସୁରେନ୍ଦ୍ର ଜେନା, ସଂଯୁକ୍ତା ଦାଶ, ନମିତା ମହାନ୍ତି, ନିରୁପମା ସାହୁଙ୍କ ସମେତ ଅନ୍ୟ କବିମାନେ କବିତା ପାଠ କରିଥିଲେ। କବି ମହେନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ କବି ଆଦିତ୍ୟ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

# ସ୍ନାତକ, ସ୍ନାତକୋତ୍ତର, ବି.ଏଡ୍ ପରୀକ୍ଷାଫଳ ପ୍ରକାଶ

କଟକ,୧୦।୬(କାର୍ତ୍ତିକ ସାହୁ)




**ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ**

- ସ୍ନାତକରେ ସ୍ୱର୍ଣ୍ଣପ୍ରଭା, ବି.ଏଡ୍‌ର କଳାରେ ସୁଦୀପ୍ତା, ବିଜ୍ଞାନରେ ମୋନାଲିସା ପ୍ରଥମ

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ, ସ୍ନାତକୋତ୍ତର ଓ ବି.ଏଡ୍ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ସ୍ନାତକ ଶ୍ରେଣୀରେ ମୋଟ୍ ୩୮୨ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୩୩୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ସ୍ନାତକୋତ୍ତରରେ ପରୀକ୍ଷା ଦେଇଥିବା ୨୫୮ ଜଣଙ୍କ ମଧ୍ୟରୁ ୨୩୭ ଜଣ ପାସ୍ କରିଛନ୍ତି। ବି.ଏଡ୍ ପାଠ୍ୟକ୍ରମରେ ୪୨ ଜଣ କୃତକାର୍ଯ୍ୟ ହୋଇ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ସ୍ନାତକରେ ପ୍ରାଣୀବିଜ୍ଞାନ ଛାତ୍ରୀ ସ୍ୱର୍ଣ୍ଣପ୍ରଭା ସାହୁ ସର୍ବୋଚ୍ଚ ନମ୍ବର ରଖିଥିବାବେଳେ ବି.ଏଡ୍‌ର କଳା ବିଭାଗରେ ସୁଦୀପ୍ତା ବେହେରା ଓ ବିଜ୍ଞାନରେ ମୋନାଲିସା ଜେନା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ସ୍ନାତକ ଶ୍ରେଣୀର ୨୨ଟି ବିଭାଗରୁ ଅର୍ଥନୀତିରେ ଅନେଶ୍ୱେତା ମନ୍ତ୍ରୀ, ଶିକ୍ଷାରେ ରିତୁ ମହାପାତ୍ର, ଇଂଲିଶରେ ଶିବାନୀ ମହାକୁଲ, ହିନ୍ଦୀରେ ତନିଶା ପ୍ରିୟଦର୍ଶୀ, ଇତିହାସରେ ପାୟଲ ସାହା, ଗୃହ ବିଜ୍ଞାନରେ ଜୋରେନ୍ ମେହେକ, ଲାଇବ୍ରେରି ସାଇନ୍ସରେ ଆସମାତୁନ ନିଶା, ଓଡ଼ିଆରେ ଅଙ୍କିତା ମହାରଣା, ଦର୍ଶନଶାସ୍ତ୍ରରେ ସରୋଜିନୀ ଖୁଣ୍ଟିଆ, ରାଜନୀତି ବିଜ୍ଞାନରେ ପାନାମଣି ମୁର୍ମୁ, ନୃବିଜ୍ଞାନରେ ସଂଯୁକ୍ତା ମାଝି, ମନସ୍ତତ୍ତ୍ୱ ବିଜ୍ଞାନରେ ତନ୍ମୟୀ ମହାନ୍ତି, ସଂସ୍କୃତରେ ପାୟଲ ସ୍ୱାଇଁ, ସମାଜବିଜ୍ଞାନରେ ସାଇଜ୍ୟୋତି ମହାପାତ୍ର, ଉର୍ଦ୍ଦୁରେ ସାଏଦା ନସିଦା, ବାଣିଜ୍ୟରେ ସର୍ବାଣି ଶ୍ରୀୟାଣୀ ପଣ୍ଡା, ଉଦ୍ଭିଦ ବିଜ୍ଞାନରେ ସୌମ୍ୟା ଶ୍ରୀରୂପା ପାଣ୍ଡବ, ରସାୟନ ବିଜ୍ଞାନରେ ରଶ୍ମି କର୍ମକାର, କମ୍ପ୍ୟୁଟର ବିଜ୍ଞାନରେ ପ୍ରିୟଦର୍ଶିନୀ ସ୍ୱାଇଁ, ଗଣିତ(କଳା)ରେ ଅନନ୍ୟା ମହାନ୍ତି, ଗଣିତ(ବିଜ୍ଞାନ)ରେ ମୋନାଲିସା ତ୍ରିପାଠୀ, ପଦାର୍ଥ ବିଜ୍ଞାନରେ ସୋନମ ଶତପଥୀ ଓ ପ୍ରାଣୀ ବିଜ୍ଞାନରେ ସ୍ୱର୍ଣ୍ଣପ୍ରଭା ସାହୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ସ୍ନାତକୋତ୍ତର ୧୨ଟି ବିଭାଗରୁ ଅର୍ଥନୀତିରେ ଅମିତା ପତି, ଶିକ୍ଷାରେ ମଧୁସ୍ମିତା ସାହୁ ଓ ନାହିଦ ଅଖତର, ଇଂଲିଶରେ ଶୁଚିସ୍ମିତା ସାହୁ, ହିନ୍ଦୀରେ ଅର୍ପିତା ମିଶ୍ର, ଇତିହାସରେ ଦୀପ୍ତିମୟୀ ସାମନ୍ତରାୟ, ଗୃହ ବିଜ୍ଞାନରେ ଏସ୍. ଫାତିମା ବୁସ୍ରା, ଓଡ଼ିଆରେ ସନ୍ଦୀପ୍ତା ପଣ୍ଡା, ଦର୍ଶନଶାସ୍ତ୍ରରେ ଶ୍ୱେତା ଦାସ, ରାଜନୀତି ବିଜ୍ଞାନରେ ଭବାନୀ ମହାପାତ୍ର, ମନସ୍ତତ୍ତ୍ୱ ବିଜ୍ଞାନରେ ଶ୍ରଦ୍ଧାଞ୍ଜଳି ପାଇକରାୟ, ସଂସ୍କୃତରେ ପ୍ରୀତିଛନ୍ଦା ଦାସ ଓ ସମାଜବିଜ୍ଞାନରେ ଅମ୍ରିତା ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କୃତକାର୍ଯ୍ୟ ହୋଇଥିବା ଛାତ୍ରୀମାନଙ୍କୁ ଅଧ୍ୟକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ପରୀକ୍ଷା ନିୟନ୍ତ୍ରକ ଡ. ନର୍ମଦା କୁମାରୀ ପରିଡ଼ା, ଡ. ପ୍ରଭାତୀ ମଞ୍ଜରୀ ମହାନ୍ତି, ଡ. ଗାୟତ୍ରୀ କର, ପ୍ରତାପ ସାମଲ ଓ ପ୍ରଣତି ପ୍ରିୟଦର୍ଶିନୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।




କଟକ ଅନ୍ନପୂର୍ଣ୍ଣା ଥିଏଟରରେ ନିଖିଳ ଉତ୍କଳ କଳା ନିକେତନ ପକ୍ଷରୁ ଅନୁଷ୍ଠିତ ସପ୍ତମ ଷ୍ଟାର୍ କଲ୍‌ଚରାଲ ଫେଷ୍ଟିଭାଲର ସୋମବାର ଉଦ୍‌ଯାପନୀ ସନ୍ଧ୍ୟାରେ ବାସନ୍ତୀଲତା ନାୟକଙ୍କୁ ନ୍ୟାଶନାଲ ସେବା ନିଧି ସମ୍ମାନ ପ୍ରଦାନ କରାଯାଉଛି।

# ଅଂଶୁଘାତରେ ୧୧ ମୃତ୍ୟୁ ଅଭିଯୋଗ

କଟକ,୧୦।୬ (ଶିପ୍ରା ପ୍ରିୟଦର୍ଶିନୀ)

**କଟକ ଜିଲା।**

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏଥିଯୋଗୁ ଅଂଶୁଘାତରେ ଲୋକଙ୍କ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କଟକ ଜିଲା ବାଙ୍କୀ ଅଞ୍ଚଳରେ ସୋମବାର ଅଂଶୁଘାତରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହାକୁ ମିଶାଇ ଜିଲାରେ ମୃତ୍ୟୁ ସଂଖ୍ୟା ୧୧କୁ ବୃଦ୍ଧି ପାଇଥିବା ଜଣାପଡିଛି। ଅପରପକ୍ଷରେ ପ୍ରତିଦିନ ଏସ୍‌ସିବି ମେଡିକାଲରେ ଅଂଶୁଘାତର ଶିକାର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ପର୍ଯ୍ୟନ୍ତ କଟକ ଜିଲାରେ ୧୧ ଜଣଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସୋମବାର ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ବାଙ୍କୀ ଥାନା ଅଧୀନ କନ୍ତକାର ଅଞ୍ଚଳର ଜଣେ ଓ ସୁବର୍ଣ୍ଣପୁର ଅଞ୍ଚଳର ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଥିବାବେଳେ ଅନ୍ୟ ଜଣଙ୍କ ମୃତଦେହକୁ ତାଙ୍କ ପରିବାର ଲୋକ ଡାକ୍ତରଖାନାରୁ ନେଇଯାଇଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା କହିଛନ୍ତି, ଅଂଶୁଘାତରେ ବର୍ତ୍ତମାନ ପର୍ଯ୍ୟନ୍ତ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡିଥାଏ। କେତେକ ବ୍ୟବଚ୍ଛେଦ ରିପୋର୍ଟରୁ ଅଂଶୁଘାତ ଜନିତ ମୃତ୍ୟୁ ବୋଲି ସ୍ପଷ୍ଟ ହୋଇଛି। ଯେଉଁ ମୃତଦେହ ବ୍ୟବଚ୍ଛେଦ କରାଯାଇ ନାହିଁ, ସେଥିପାଇଁ ସ୍ୱତନ୍ତ୍ର ଟିମ୍‌କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ତଦନ୍ତ ରିପୋର୍ଟ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କୁ ଦିଆଯିବ। ଏହାପରେ ଏସ୍‌ଆର୍‌ସି ଘୋଷଣା କରିବେ ଏହା ଅଂଶୁଘାତଜନିତ ମୃତ୍ୟୁ କି ନୁହେଁ। ଏସ୍‌ସିବି ମେଡିକାଲ ମେଡିସିନ ବିଭାଗର ପ୍ରଫେସର ଡା. ଜୟନ୍ତ ପଣ୍ଡା କହିଛନ୍ତି, ପ୍ରତିଦିନ ୪୦ରୁ ୫୦ ରୋଗୀ ଅଂଶୁଘାତର ଶିକାର ହୋଇ ଏସ୍‌ସିବିରେ ଭର୍ତ୍ତି ହେଉଛନ୍ତି। ସେମାନଙ୍କ ପାଇଁ ଏସ୍‌ସିବିରେ ସ୍ୱତନ୍ତ୍ର ୱାର୍ଡ ବ୍ୟବସ୍ଥା କରାଯାଇଛି। ଗୁରୁତର ରୋଗୀଙ୍କ ପାଇଁ ୫ଟି ଆଇସିୟୁ ବେଡ୍ ରହିଥିବା ପଣ୍ଡା କହିଛନ୍ତି।



କଟକ ଜିଲା ଟାଙ୍ଗୀସ୍ଥିତ କୋଟେଶ୍ୱର ପୀଠରେ ହରପାର୍ବତୀଙ୍କ ବିବାହ ଉତ୍ସବ।



କଟକ ଗଡ଼ଗଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣରେ ହର-ପାର୍ବତୀଙ୍କ ବିବାହ ଉତ୍ସବ ପାଇଁ ମହାଦେବଙ୍କୁ ବେଦୀ ନିକଟକୁ ନେବା ପୂର୍ବରୁ ବରଣି କରାଯାଉଛି।

# ଦେବଦମ୍ପତିଙ୍କ ବିବାହ ଉତ୍ସବ

କଟକ/ଖୁଣ୍ଟୁଣୀ,୧୦।୬
(ଶିପ୍ରା ପ୍ରିୟଦର୍ଶିନୀ/ସଚ୍ଚିଦାନନ୍ଦ ପଣ୍ଡା)

କଟକର ପ୍ରମୁଖ ଶୈବପୀଠଗୁଡ଼ିକରେ ବେଶ୍ ଧୁମ୍‌ଧାମ୍‌ରେ ଶୀତଳଷଷ୍ଠୀ ଓ ଦେବଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିରଗୁଡିକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ବିଶେଷକରି କଟକ ଗଡ଼ଗଡେଶ୍ୱର ମନ୍ଦିର, ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିର, ସାଆନ୍ତ ସାହିସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିରରେ ବିଭିନ୍ନ ନୀତି ସମ୍ପନ୍ନ ହୋଇଥିଲା। ପରେ ହରପାର୍ବତୀଙ୍କୁ ବିବାହ ମଣ୍ଡପକୁ ନିଆଯାଇ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରୀତିନୀତି ଅନୁଯାୟୀ ଉଭୟ ବରପକ୍ଷ ଓ କନ୍ୟାପକ୍ଷ ବିଧି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ମନ୍ଦିରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା ମଙ୍ଗଳବାର ହରପାର୍ବତୀଙ୍କ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବ।

ସେହିପରି ଖୁଣ୍ଟୁଣୀ ଅଞ୍ଚଳରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟୁଣୀ-ରମ୍ଫେଇ ମୌଜାର ଆରାଧ୍ୟ ଦେବତା ବାଲୁଙ୍କେଶ୍ୱରଙ୍କ ସ୍ୱତନ୍ତ୍ର ନୀତିକାନ୍ତି କରାଯାଇଥିଲା। ସନ୍ଧ୍ୟାଧୂପ ପରେ ୭ଟାରେ ବାଲୁଙ୍କେଶ୍ୱର ବରବେଶରେ ବିମାନରୁଢ଼ ହୋଇ ଅତିଥି ଠାକୁର ଲକ୍ଷ୍ମୀନାରାୟଣ ଦେବ ଓ ରଘୁନାଥ ଦେବଙ୍କ ସହିତ ରୋଶଣିରେ ଶୋଭାଯାତ୍ରାରେ ଖୁଣ୍ଟୁଣୀ ଗ୍ରାମ ପରିକ୍ରମା କରିଥିଲେ। ରାତି ସାଢେ ୯ଟାରେ ମନ୍ଦିର ମୁଖ୍ୟ ଦ୍ୱାର ନିକଟରେ ବାଟବରଣ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ମନ୍ଦିର ପରିସର ମଣ୍ଡପରେ ମା'ପାର୍ବତୀଙ୍କ ସହିତ ବାଲୁଙ୍କେଶ୍ୱରଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସକାଳ ସାଢେ ୬ଟାରୁ ଗ୍ରାମର ଶତାଧିକ ମହିଳା ବିବାହ ମଣ୍ଡପରେ ଦେବଦମ୍ପତିଙ୍କୁ ବନ୍ଦାପନା କରିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ଦେବଦମ୍ପତି ମନ୍ଦିର ପ୍ରବେଶ କରିବା କାର୍ଯ୍ୟକ୍ରମ ରହିଛି। ବାଲୁଙ୍କେଶ୍ୱର ମନ୍ଦିର ଓ କନକଦୁର୍ଗା ମନ୍ଦିର ଟ୍ରଷ୍ଟର ପରିଚାଳନାରେ ଏହି ବିବାହ ଉତ୍ସବ ସମ୍ପନ୍ନ ହୋଇଛି। ସେହିପରି ଧବଳେଶ୍ୱର, ରାଧାକିଶୋରପୁର ଗ୍ରାମର ରାମେଶ୍ୱର, ରାଧାଦାମୋଦରପୁର ଗ୍ରାମର ଜମେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

### ନବ ନିର୍ବାଚିତ ବିଧାୟକଙ୍କୁ ଭେଟିଲା ରିଟେଲର ସଂଘ

କଟକ ସଦର, ୧୦।୬(ସୁଶାନ୍ତ କୁମାର ଜେନା)

କଟକ ସଦର ନିର୍ବାଚନମଣ୍ଡଳୀର ନବ ନିର୍ବାଚିତ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ସୋମବାର କଟକ ସଦର ବ୍ଲକ ରିଟେଲର ସଂଘର ପ୍ରତିନିଧି ଦଳ କିଶୋର ନଗରଠାରେ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରହିଥିବା ତ୍ରୁଟି ଆଗାମୀ ଦିନରେ ସଂଶୋଧନ କରାଯିବ ବୋଲି ବିଧାୟକ ସେଠୀ କହିଛନ୍ତି। ନିର୍ବାଚନ ପ୍ରଚାରବେଳେ ବ୍ଲକରେ ଚାଲିଥିବା ପିସି କାରବାରକୁ ବନ୍ଦ କରିବେ ବୋଲି ସେ ସାଧାରଣ ଜନତାଙ୍କୁ ଆଶ୍ୱାସନା ଦେଇଥିଲେ। ଏବେ ନିର୍ବାଚନ ଜିତିବା ପରେ ତାଙ୍କର ଆଶ୍ୱାସନା କେତେଦୂର କାର୍ଯ୍ୟକାରୀ ହେବ ତାହାକୁ ଜନସାଧାରଣ ଅପେକ୍ଷା କରିଛନ୍ତି। ରିଟେଲର ପ୍ରତିନିଧି ଦଳରେ ତ୍ରିନାଥ ଦାଶ, ପ୍ରଦୀପ ଦାସଙ୍କ ସମେତ ଅନେକ ରିଟେଲର ଉପସ୍ଥିତ ଥିଲେ।

# ସଂପର୍କ ଭିନ୍ନ ଭିନ୍ନ ପୁସ୍ତକ ଉନ୍ମୋଚିତ




କଟକ,୧୦।୬(କାର୍ତ୍ତିକ ସାହୁ)

ପୁଣ୍ୟଭୂମି ପକ୍ଷରୁ ସୁସ୍ମିତା ରଥଙ୍କ ଗଳ୍ପ ସଂକଳନ ସଂପର୍କ ଭିନ୍ନ ଭିନ୍ନ କଟକ ଶତାବ୍ଦୀ ଭବନଠାରେ ସୋମବାର ଉନ୍ମୋଚିତ ହୋଇଯାଇଛି। ପ୍ରଫେସର ଡ. ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କବି ଅମରେଶ ପଟ୍ଟନାୟକ ଯୋଗଦେଇ କହିଛନ୍ତି, ଲେଖିକା ସଂପର୍କ ଭିନ୍ନ ଭିନ୍ନ ପୁସ୍ତକରେ ସମାଜର ଅବହେଳିତ ଓ ନିଷ୍ପେଷିତ ବ୍ୟକ୍ତିଙ୍କ ଆତ୍ମାଭିମାନକୁ ସୁନ୍ଦର ଓ ସରଳ ଭାବରେ ଉପସ୍ଥାପନ କରିଛନ୍ତି। ମୁଖ୍ୟ ଅତିଥି କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ଗୌରହରି ଦାସ କହିଛନ୍ତି, ସମାଜରେ ଘଟୁଥିବା ନିତିଦିନିଆ ଘଟଣାଗୁଡ଼ିକ ଗପ ଦ୍ୱାରା ସୁନ୍ଦର ଭାବରେ ସ୍ଥାନିତ ହୋଇଛି। ମଣିଷ ମନରେ ଆତ୍ମବିଶ୍ୱାସ ଓ ସଫଳ ଜୀବନ ଜିଇଁବାର ମନ୍ତ୍ର ଦେଇଛି। ସଭାପତି ଡ. ସିଂହ କହିଛନ୍ତି, ସୁସ୍ମିତା ରଥଙ୍କ ଗପ ସମୟର କଥା କହିବା ସହ ସଚେତନଧର୍ମୀ ହୋଇଛି। ସଂପର୍କକୁ ଭିନ୍ନ ଭିନ୍ନ ଦୃଷ୍ଟିରେ ପରିବେଷଣ କରିବା ସହିତ ମଣିଷର ଆବେଗ ଓ ଅନ୍ତଃସ୍ୱରକୁ ସେ ତାଙ୍କ ଗପଗୁଡ଼ିକରେ ଚିତ୍ରଣ କରିଛନ୍ତି। ଏହା ପାଠକଙ୍କ ଆଦର ଲାଭ କରିବା ନିଃସନ୍ଦେହ। ଲିପ୍‌ସିତା ରଥ ଓ ହର୍ଷବର୍ଦ୍ଧନ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଞ୍ଜିତ୍ କୁମାର ପଟ୍ଟନାୟକ ଅତିଥି ପରିଚୟ ଓ ଅଳକା ରଥ ଧନ୍ୟବାଦ ଦେଇଥିଲେ।

# ଥଇଥାନରୁ ବଞ୍ଚିତ ଡଲିଙ୍କ ପରିବାର

କଟକ, ୧୦।୬(ଶିପ୍ରା ପ୍ରିୟଦର୍ଶିନୀ)



ଶୌଚାଳୟ ବାରଣ୍ଡାରେ ଡଲିଙ୍କ ପରିବାର ସଦସ୍ୟ।

**ଫେଲ୍ ମାରିଛି ଜାଗା ମିଶନ ଯୋଜନା**

- ଶୌଚାଳୟ ବାରଣ୍ଡାରେ ଦିନ କଟୁଛି
- ଅଭିଯୋଗ ଭିତ୍ତିହୀନ: ମେୟର

କଟକ ମହାନଗର ନିଗମ(ସିଏମ୍‌ସି)ର ଜାଗା ମିଶନ ଯୋଜନା ଫେଲ୍ ମାରିଛି। ଫଳରେ ଏହି ଯୋଜନାରୁ ବଞ୍ଚିତ ହୋଇଥିବା କଟକ ମଙ୍ଗଳାବସ୍ତିର ଡଲି ଦେବୀ ତାଙ୍କ ପରିବାର ଲୋକଙ୍କ ସହିତ ଯୋବ୍ରା ପଟରାସାହିସ୍ଥିତ ଗୋଷ୍ଠୀ ଶୌଚାଳୟ ବାରଣ୍ଡାରେ ଜୀବନ ବିତାଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ମେଡିକାଲ ନିକଟରେ ଥିବା ମଙ୍ଗଳାବସ୍ତି ଉଚ୍ଛେଦ କରାଯାଇଥିଲା। ପରେ ଉକ୍ତ ବସ୍ତିବାସିନ୍ଦାଙ୍କୁ ଜଗତ୍‌ପୁରଠାରେ ଥଇଥାନ କରାଯାଇଥିଲା। ବସ୍ତି ଉଚ୍ଛେଦ ନୋଟିସ ପାଇବା ପରେ ଡଲି ପରିବାର ସଦସ୍ୟଙ୍କୁ ନେଇ ଭଡା ଘରେ ରହିଥିଲେ। ସେହି ସମୟରେ ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ତାଲିକା ପ୍ରସ୍ତୁତ କରାଯାଇଥିଲା। ହେଲେ ଡଲି ଉପସ୍ଥିତ ନ ଥିବାରୁ ତାଙ୍କ ନାଁ ତାଲିକାଭୁକ୍ତ ହୋଇପାରି ନ ଥିଲା। ପରବର୍ତ୍ତୀ ସମୟରେ ଆର୍ଥିକ ସମସ୍ୟା ଦେଖାଦେବାରୁ ଡଲି ଭଡାଘର ଛାଡିବାକୁ ବାଧ୍ୟ ହୋଇଥିଲେ। ଥଇଥାନ ତାଲିକାରେ ନାଁ ଅନ୍ତର୍ଭୁକ୍ତ କରିବା ପାଇଁ ଡଲି ବାରମ୍ବାର ସିଏମ୍‌ସି କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଫଳରେ ଏବେ ଗୋଷ୍ଠୀ ଶୌଚାଳୟ ବାରଣ୍ଡାରେ ଡଲି, ତାଙ୍କ ପୁଅ, ବୋହୂ ଓ ଦୁଇ ନାତି ଦିନ କାଟୁଛନ୍ତି। ସେଠାରେ ସେମାନେ ରୋଷେଇ କରି ଖାଇବା ସହ ଶୋଉଛନ୍ତି। ଏନେଇ ଡଲି କହିଛନ୍ତି, ଏକବର୍ଷ ହେଲା ବହୁ ଅସୁବିଧାର ସମ୍ମୁଖୀନ ହେଉଛୁ। ରହିବାକୁ ଘର ନାହିଁ। ଶୌଚାଳୟ ବାରଣ୍ଡାରେ ଦିନ କଟୁଛି। ଅପରପକ୍ଷରେ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ଏହି ଅଭିଯୋଗ ଭିତ୍ତିହୀନ। ବସ୍ତିବାସିନ୍ଦା ବୋଲି କହୁଥିବା ଉକ୍ତ ପରିବାର ସଦସ୍ୟ ମିଥ୍ୟା ଅଭିଯୋଗ କରିଛନ୍ତି। ସମସ୍ତ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯାଇଛି। ଏପରି କି ଯେଉଁମାନେ ଏଥିରୁ ବଞ୍ଚିତ ରହିଛନ୍ତି ସେମାନଙ୍କୁ ଟୋକନ ଦିଆଯାଇଛି। ପରବର୍ତ୍ତୀ ସମୟରେ ସେମାନଙ୍କୁ ଥଇଥାନ କରାଯିବ ବୋଲି ମେୟର କହିଛନ୍ତି।

# ତଦନ୍ତ ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ

କଟକ,୧୦।୬(କାର୍ତ୍ତିକ ସାହୁ)




ଏଆଇଡିଏସ୍‌ଓ ପକ୍ଷରୁ କଲେଜ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ନିଟ୍ ୟୁଜି ପରୀକ୍ଷାରେ ଦୁର୍ନୀତିର ପ୍ରତିବାଦ**

ନିଟ୍ ୟୁଜି ପରୀକ୍ଷାରେ ହୋଇଥିବା ଦୁର୍ନୀତିର ନ୍ୟାୟିକ ତଦନ୍ତ କରି ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା, ଶିକ୍ଷା ବିଶେଷଜ୍ଞମାନଙ୍କୁ ନେଇ ଏକ କମିଟି ଗଠନ କରି ନିଟ୍ ପରୀକ୍ଷା ପରିଚାଳନାରେ ତ୍ରୁଟିକୁ ଖୋଜି ବାହାର କରିବା ସହ ଜାତୀୟ ସ୍ତରୀୟ ଏହି ପରୀକ୍ଷା ବ୍ୟବସ୍ଥାକୁ ବାତିଲ କରିବା ପାଇଁ ଏଆଇଡିଏସ୍‌ଓ ପକ୍ଷରୁ ଦାବି ହୋଇଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପରିବର୍ତ୍ତେ ସରକାର ପ୍ରତ୍ୟକ୍ଷ ଭାବେ ଏହି ନିଟ୍ ପରୀକ୍ଷା ପରିଚାଳନା କରିବା ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ସାରା ଭାରତରେ ପ୍ରତିବାଦ ଦିବସ ଡାକରା ଦିଆଯାଇଥିଲା। ଏହି ଉପଲକ୍ଷେ ଏଆଇଡିଏସ୍‌ଓ କଟକ ଜିଲା କମିଟି ପକ୍ଷରୁ କଲେଜ ଛକଠାରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଙ୍ଗଠନର ଓଡ଼ିଶା ରାଜ୍ୟ ପରିଷଦର ଉପସଭାପତି ଭାଗ୍ୟରବି ଦାସ, ସମ୍ପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ, କଟକ ଜିଲା କମିଟି ସଭାପତି ଇଶା ଧର, ଉପସଭାପତି ଶିବାନୀ ସାହୁ, ସମ୍ପାଦକ ତରୁଣସେନ ନାୟକ, ଛାତ୍ରନେତା ଜ୍ୟୋତ୍ସ୍ନାରାଣୀ ଦାସ, ରାଜେଶ ରାଉତ, ସରୋଜ ମାନସିଂହ, ମୁସ୍କାନ ତବ୍‌ସୁମ, ସତ୍ୟବ୍ରତ ମୁଦୁଲିଙ୍କ ସମେତ ଏସ୍‌ସିବି ମେଡିକାଲ କଲେଜ, ଏସ୍‌ସିବି ଡେଣ୍ଟାଲ କଲେଜର ଛାତ୍ରୀଛାତ୍ର ତଥା ନିଟ୍ ଆଶାୟୀମାନେ ବିକ୍ଷୋଭରେ ସାମିଲ ହୋଇଥିଲେ।

ଏଆଇଡିଏସ୍‌ଓର ଅଭିଯୋଗ ଅନୁଯାୟୀ, ଚଳିତବର୍ଷ ନିଟ୍ ପରୀକ୍ଷାରେ ୬୭ ଜଣ ପରୀକ୍ଷାର୍ଥୀ ୭୨୦ରୁ ୭୨୦ ମାର୍କ ରଖି ଟପ୍ପର ହୋଇଥିବାବେଳେ ମାତ୍ର ଗୋଟିଏ ପରୀକ୍ଷା କେନ୍ଦ୍ରରୁ ୬ ଜଣ ଟପ୍ପର ହୋଇଛନ୍ତି। ଏହି ପରୀକ୍ଷାର ନିୟମକୁ ଉଲ୍ଲଂଘନ କରି କେତେଜଣ ଛାତ୍ରୀଛାତ୍ରଙ୍କୁ ୭୧୮, ୭୧୯ ଭଳି ମାର୍କ ମଧ୍ୟ ମିଳିଛି। ଏ ସଂକ୍ରାନ୍ତରେ ଗ୍ରେସ୍ ମାର୍କ ଦିଆଯାଇଛି ବୋଲି ଏନ୍‌ଟିଏ ପକ୍ଷରୁ ସଫେଇ ଦିଆଯାଇ ଜନମାନସକୁ ବିଭ୍ରାନ୍ତ କରିବା ପାଇଁ ଉଦ୍ୟମ କରାଯାଇଛି। ଅପରପକ୍ଷରେ ଏହି ପରୀକ୍ଷାର ଫଳ ପ୍ରକାଶନ ପାଇଁ ଜୁନ୍ ୧୪ ତାରିଖ ଧାର୍ଯ୍ୟ ହୋଇଥିଲା। ହେଲେ ଏହାର ୧୦ ଦିନ ପୂର୍ବରୁ ଅର୍ଥାତ୍ ୪ ତାରିଖ ଯେଉଁଦିନ ନିର୍ବାଚନ ଫଳ ଘୋଷଣା ହେଲା ସେହିଦିନ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ଏହାକୁ ନେଇ ଦେଶର ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ବ୍ୟତୀତ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଛି ବୋଲି ମଧ୍ୟ ସାଧାରଣରେ ଅଭିଯୋଗ ହେଉଛି। ଏଣୁ ଏହି ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ନ ଥିବା ଓ ଦୁର୍ନୀତିର ଗନ୍ତାଘର ସାଜିଛି ବୋଲି ପ୍ରମାଣିତ ହେଉଛି। ଏହି ପରୀକ୍ଷା ପ୍ରସ୍ତୁତି ସମୟରେ ଏବଂ ପରୀକ୍ଷାରେ କମ୍ ମାର୍କ ରଖୁଥିବାରୁ ମାନସିକ ଭାରସାମ୍ୟ ହରାଇ ପ୍ରତିବର୍ଷ ଛାତ୍ରୀଛାତ୍ରମାନେ ଆତ୍ମହତ୍ୟା କରୁଥିବାବେଳେ ଏନ୍‌ଟିଏ ତଥା ସରକାରଙ୍କ ଚରମ ଅବହେଳା ରହୁଛି। ଏଣୁ ଛାତ୍ରୀଛାତ୍ର ଓ ଜନସାଧାରଣ ସଙ୍ଗଠିତ ହୋଇ ଏହାର ପ୍ରତିବାଦ କରିବା ପାଇଁ ସଙ୍ଗଠନ ପକ୍ଷରୁ ନିବେଦନ କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୬।୨୦୨୪

| | |
|---|---|
| | ୫,୧୨,୮୫୩ ଟଙ୍କା |
| ସୁନା | ୨୮୦ ମିଲିଗ୍ରାମ୍ |
| ରୁପା | ୨୨.୮୦୦ ଗ୍ରାମ୍ |

## ସଂକ୍ଷେପରେ

### ଟିକସ ହସ୍ତାନ୍ତର ବାବଦରେ ଓଡ଼ିଶାକୁ ୬୩୨୭ କୋଟି

ଭୁବନେଶ୍ୱର,୧୦।୬(ଅନୁରାଧା ମହାରଣା)

କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଟିକସ ହସ୍ତାନ୍ତର କିସ୍ତି ବାବଦକୁ ଚଳିତ ମାସରେ ମୋଟ ୧,୩୯, ୭୫୦ କୋଟି ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଜୁନ୍ ମାସର ନିୟମିତ ବିତରଣ ରାଶି ପ୍ରଦାନ ସହ ଗୋଟିଏ ଅତିରିକ୍ତ କିସ୍ତି ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟ ସରକାରମାନେ ବିକାଶ ଓ ପୁଞ୍ଜି ବ୍ୟୟକୁ ତ୍ୱରାନ୍ୱିତ କରିପାରିବେ। ଟିକସ ହସ୍ତାନ୍ତର ବାବଦରେ ଓଡ଼ିଶାକୁ ୬୩୨୭ କୋଟି ୯୨ ଲକ୍ଷ ଟଙ୍କା ମିଳିବ। ୨୦୨୪-୨୫ ଅନ୍ତରୀଣ ବଜେଟରେ ରାଜ୍ୟଗୁଡ଼ିକୁ ଟିକସ ହସ୍ତାନ୍ତର ବାବଦରେ ୧୨,୧୯,୭୮୩ କୋଟି ଟଙ୍କା ପ୍ରଦାନ କରିବା ଲାଗି ବ୍ୟବସ୍ଥା କରାଯାଇଛି। ଜୁନ୍ ୧୦ ସୁଦ୍ଧା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋଟ୍ ୨,୭୯,୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ନିମାପଡ଼ା, ୧୦।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ବାହାରେଣା ପଞ୍ଚାୟତର ସଇଦାବାଦ ଗ୍ରାମରେ ପୋଖରୀରେ ବୁଡ଼ିଯାଇ ସରୋଜିନୀ ସାହୁ (୪୯)ଙ୍କ ମୃତ୍ୟୁ ଘଟିଛି। ସୋମବାର ସକାଳେ ସରୋଜିନୀ ତାଙ୍କ ବାପଘର ନିକଟସ୍ଥ ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ତାଙ୍କ ଗୋଡ଼ ଖସିଯିବାରୁ ସେ ଗଭୀର ପାଣିରେ ବୁଡ଼ିଯାଇଥିଲେ। କିଛି ସମୟ ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚାରିଚିକ ମେଡିକାଲକୁ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଚାରିଚିକ ଥାନା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ମୃତା ମହିଳାଙ୍କ ଭାଇ ଚାରିଚିକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨/୨୪) ରୁଜୁ କରି ତଦନ୍ତ ଚଳାଇଛି।

### ବିବାହ ଭୋଜିରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଥାନାରେ ମାମଲା, ଅଭିଯୁକ୍ତ ଫେରାର

ଗୋପ,୧୦।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଏକ ବିବାହ ଭୋଜିରେ ଜଣେ ଯୁବକଙ୍କୁ ପୂର୍ବ ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ କରାଯାଇଛି। ଯୁବକଙ୍କୁ କଟୁରୀରେ ଆକ୍ରମଣ କରାଯାଇଥିବା ବେଳେ ତାଙ୍କ ଡାହାଣ ପଟ କାନ ନିକଟରେ ବଡ଼ କ୍ଷତ ସୃଷ୍ଟି ହୋଇଛି। ଅଭିଯୁକ୍ତ ଆକ୍ରମଣକାରୀ ଫେରାର ଥିବାବେଳେ ଗୁରୁତର ହୋଇଥିବା ଯୁବକ ଜଣକ ଚିକିତ୍ସାଧୀନ ଅଛନ୍ତି। ଅଭିଯୋଗକୁ ନେଇ ପୋଲିସ ଏକ କେସ୍ (ନଂ. ୧୮୮/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଗୋପ ଥାନା ଅନ୍ତର୍ଗତ ଭଇରିପୁର ଗ୍ରାମରେ ଏକ ବିବାହ ଭୋଜି ହେଉଥିଲା। ଏହି ଭୋଜିରେ ବାଲିକନ୍ଦଳ ଗ୍ରାମର ଅନିଲ ମଲ୍ଲିକ (୩୨) ରାତ୍ର ପ୍ରାୟ ୧୨ଟା ବେଳେ ପହଞ୍ଚିଥିଲେ। ସେ ଭୋଜି ଖାଉଥିବାବେଳେ ପୂର୍ବ ବିବାଦକୁ ନେଇ ବେଦପୁର ଗ୍ରାମର ସୁଜିତ ମଲ୍ଲିକ ନାମକ ଯୁବକ ଏକ କଟୁରୀରେ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଅନିଲ୍ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବାବେଳେ ଅଭିଯୁକ୍ତ ସୁଜିତ ଫେରାର ହୋଇଯାଇଥିଲେ। ପରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଅନିଲଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ତଦନ୍ତ ଜାରି ରହିଛି, ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ବିନ୍ଦୁବାସିନୀ ସେଠୀ କହିଛନ୍ତି। ଏହି ଘଟଣାକୁ ନେଇ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ଧୂଳିଧୂସରିତ ଅବସ୍ଥାରେ ରଥ ସାରଥି

## ପ୍ରଶାସନର ଦୃଷ୍ଟି ନାହିଁ

ପୁରୀ,୧୦।୬(ଅଜିତ୍ ମହାନ୍ତି)



ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ପ୍ରମୁଖ ଭୂମିକା ସାରଥିମାନଙ୍କର ରହିଥାଏ। ସାରଥି ରଥକୁ ନିୟନ୍ତ୍ରଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ତିନିରଥରେ ତିନିଜଣ ସାରଥିଙ୍କ ସହ ୧୨ଟି ଘୋଡା ରହିଥାଏ। ବଡ଼ ଠାକୁର ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଦାରୁକ, ମା' ସୁଭଦ୍ରାଙ୍କ ରଥରେ ଅର୍ଜୁନ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥରେ ସାରଥି ମାତଳି ଅଟନ୍ତି। ରଥ ନିର୍ମାଣ ସରିବା ପରେ ରଥଯାତ୍ରା ପୂର୍ବଦିନ ଭୋଇ ସେବକମାନେ ସାରଥିମାନଙ୍କୁ ଆଣି ରଥରେ ରଥାରୂଢ କରିଥାନ୍ତି। ରଥଯାତ୍ରା ସମ୍ପନ୍ନ ହୋଇ ନିଳାଦ୍ରୀ ବିଜେରେ ଶ୍ରୀବିଗ୍ରହମାନେ ଶ୍ରୀମନ୍ଦିରକୁ ବାହୁଡ଼ ଯିବା ପରେ ଭୋଇ ସେବକମାନେ ରଥରୁ ସାରଥିମାନଙ୍କୁ କାଢି ସୁରକ୍ଷିତ ଭାବେ ରଖିଥାନ୍ତି। ରଥଯାତ୍ରା ପରେ ରଥଗୁଡ଼ିକୁ ଭଙ୍ଗାଯାଇଥାଏ। ମାତ୍ର ରଥରେ ଲାଗିଥିବା ସାରଥି, ଠେକରା ବାଡା, ଓଲଟ ଶୁଆ, ଘୋଡା ଆଦି ଭଙ୍ଗା ନ ଯାଇ ରଖାଯାଇଥାଏ। ପ୍ରତ୍ୟେକ ନବକଳେବର ସମୟରେ ମହାପ୍ରଭୁ ପାତାଳୀ ହେବା ସହ ଘୋଡ଼ା, ସାରଥି ଆଦିକୁ ମଧ ପାତାଳି କରାଯାଇଥାଏ। ନୂତନ ଭାବେ ଘୋଡ଼ା, ସାରଥି, ପାର୍ଶ୍ୱଦେବଦେବୀଙ୍କୁ ରୂପକାର ସେବକମାନେ ନିର୍ମାଣ କରିଥାନ୍ତି। ପୂର୍ବରୁ ସାରଥିମାନଙ୍କୁ ଦୋଳବେଦି ପରିସରରେ ସୁରକ୍ଷିତ ଭାବେ ରଖାଯାଉଥିବାବେଳେ ପରିକ୍ରମା ପ୍ରକଳ୍ପ ନିର୍ମାଣ ପରେ ବେଘର ହୋଇଛନ୍ତି ସାରଥି ଓ ପାର୍ଶ୍ୱଦେବଦେବୀ। ବ୍ରହ୍ମଦାରୁଙ୍କ ସାରଥୀ ଏବେ ବାଗେଡ଼ିଆ ଧର୍ମଶାଳା ସନ୍ନିକଟ ପାର୍କିଂସ୍ଥଳର ଏକ ସ୍ଥାନରେ ଧୂଳିଧୂସରିତ ଅବସ୍ଥାରେ ରହିଛନ୍ତି। ସାରଥିମାନଙ୍କ ଆସ୍ଥାନ ନିକଟରେ ଏବେ ନିଶାଡିଙ୍କ ଆଡ଼ା ଜମିଛି। ଅବ୍ୟବସ୍ଥା ଭିତରେ ଅପରିଷ୍କାର ହୋଇ ଏହି ସାରଥି ରହିଥିବା ବେଳେ ଅଳିଆ ପଡ଼ିରହିଛି, ଯାହାକୁ ନେଇ ଭକ୍ତଙ୍କଠାରୁ ଆରମ୍ଭ କରି ରୂପକାର ସେବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ପ୍ରତ୍ୟେକ ବର୍ଷ ଘୋଷଯାତ୍ରା ପରେ ରଥର ବିଭିନ୍ନ ଅଂଶକୁ ଭାଙ୍ଗି ଶ୍ରୀମନ୍ଦିର ରୋଷଘରେ ଜାଳ ରୂପରେ ବ୍ୟବହାର କରାଯାଏ। ମାତ୍ର ଅକ୍ଷତ ଭାବେ ପାର୍ଶ୍ୱଦେବଦେବୀ, ସାରଥି ଏବଂ ଓଲଟ ଶୁଆ, ଘୋଡ଼ାମାନଙ୍କୁ ରଖାଯାଏ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ସାରଥିମାନଙ୍କୁ ଦୋଳବେଦି ପରିସରରୁ ବାହାର କରି ଉତ୍ତରପାର୍ଶ୍ୱ ମଠ ନିକଟ ଏକ ସ୍ଥାନରେ ରଖାଯାଇଥିଲା। ପରେ ସାରଥିମାନଙ୍କୁ ନେଇ ଏମାରମଠ ନିକଟରେ ଏବେ ବଡ଼ଦାଣ୍ଡଠାରେ ନରେନ୍ଦ୍ର ମହଲାକୁ ଭଙ୍ଗାଯାଇ କରାଯାଇଥିବା ଗାଡ଼ି ପାର୍କିଂ ସ୍ଥାନରେ ରଖାଯାଇଛି। ଏନେଇ ରୂପକାର ସେବକ ପଞ୍ଚାନନ ମହାପାତ୍ର ଏବଂ ରାଜେନ୍ଦ୍ର କୁମାର ମହାପାତ୍ର କହିଛନ୍ତି, ଆମେ ସାରଥୀ, ଘୋଡ଼ା, ପାର୍ଶ୍ୱଦେବଦେବୀ ଆଦିଙ୍କୁ ନବକଳେବର ସମୟରେ ତିଆରି କରିଥାଉ। ପ୍ରତ୍ୟେକ ବର୍ଷ ରଥଯାତ୍ରା ପରେ ରଥର ବିଭିନ୍ନ ଅଂଶକୁ ଭଙ୍ଗାଯାଇଥାଏ। ମାତ୍ର ସାରଥି, ଘୋଡ଼ା, ପାର୍ଶ୍ୱଦେବଦେବୀ, ଓଲଟ ଶୁଆ ଆଦିକୁ ସୁରକ୍ଷିତ ଭାବେ ରଖାଯାଇଥାଏ। ତେବେ କିଛି ବର୍ଷ ହେବ ସାରଥି, ଘୋଡ଼ା ଆଦିଙ୍କୁ ସୁରକ୍ଷିତ ଭାବେ ରଖାଯାଉନାହିଁ। ଖରା,ବର୍ଷା ଖାଇ ସାରଥି ନଷ୍ଟ ହେବାକୁ ବସିଲେଣି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ହେବା ପରେ ସାରଥୀମାନଙ୍କ ରହିବା ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା କରାଯାଉନାହିଁ। ପରିକ୍ରମା ପ୍ରକଳ୍ପ ସ୍ଥାନରେ ଏମାନଙ୍କୁ ରଖିବା ନିମନ୍ତେ ରୂପକାର ନିଯୋଗର ସେବକମାନଙ୍କ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଅନେକ ଥର ଦାବିପତ୍ର ଦିଆଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ। ପରିକ୍ରମା ପ୍ରକଳ୍ପ ପରିସରରେ ସାରଥି, ଘୋଡ଼ା, ପାର୍ଶ୍ୱଦେବଦେବୀଙ୍କୁ ରଖାଯିବା ନେଇ ନିଷ୍ପତ୍ତି ହୋଇଥିଲା। ମାତ୍ର କାର୍ଯ୍ୟ ସରିବା ପରେ ମଧ ସାରଥି, ଘୋଡ଼ା, ପାର୍ଶ୍ୱଦେବଦେବୀଙ୍କୁ ଅଲୋଡ଼ା ଭାବେ ଏଣେତେଣେ ରଖାଯାଉଛି। ରୂପକାର ସେବକଙ୍କ କହିବା ଅନୁଯାୟୀ, ବର୍ଷସାରା ପ୍ରତ୍ୟେକ ଦିନ ସାରଥିଙ୍କ ପାଖରେ ଖଇ କୋରା ଭୋଗ ହେଉଥିଲା ବୋଲି ସେ ତାଙ୍କ ବାପା, ଜେଜେଙ୍କ ନିକଟରୁ ଶୁଣିଥିଲେ। ସେତେବେଳେ ଶ୍ରୀମନ୍ଦିର ପରିସରରେ ସାରଥି, ଘୋଡ଼ା, ପାର୍ଶ୍ୱଦେବଦେବୀ ରହୁଥିଲେ। କାଳକ୍ରମେ ସାରଥି, ଘୋଡ଼ାମାନଙ୍କୁ ଆଣି ଦୋଳବେଦିଠାରେ ରଖାଗଲା। ଏବେ ସାରଥିମାନେ ସୁରକ୍ଷିତ ସ୍ଥାନରେ ନଥିବା ବେଳେ ଘୋଡ଼ାମାନଙ୍କୁ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ରଖାଯାଇଛି। ଏଥିଲାଗି ରୂପକାର ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପ୍ରକଳ୍ପ ମଧ୍ୟରେ ସ୍ଥାନ ଦେବା ନିମନ୍ତେ ଦାବି ହେଉଛି।



ଭୋପାଳରୁ ଆସିଥିବା ସଂକୀର୍ତ୍ତନ ଦଳ ସୋମବାର ଢୋଲ, ଝାଞ୍ଜ ବଜାଇ ସୋମବାର ପୁରୀ ଶ୍ରୀମନ୍ଦିର ପରିକ୍ରମା କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ରଥଖଳାରୁ...

### ତିନି ରଥର ୪୨ ଚକ ନିର୍ମାଣ ସରିଲା



ପୁରୀ,୧୦।୬(ଅଜିତ୍ ମହାନ୍ତି )

#### ଚାରି ନାହାକା ନିର୍ମାଣ ଆରମ୍ଭ ହେବ

ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ପରମ୍ପରା ଅନୁଯାୟୀ ଶୀତଳ ଷଷ୍ଠୀ ପରେ ତିନିରଥର ସମସ୍ତ ୪୨ଟି ଚକ ସହ ୨୧ଟି ଅଖ ସଂଯୋଗ କରାଯିବ। ତେଣୁ ତିନିରଥର ଶେଷ ତିନି ଚକ ନିର୍ମାଣ ସରି ପାଞ୍ଚଦଣ୍ଡା ଚଉପଟ କାର୍ଯ୍ୟ ଜାରି ରହିଛି। ତିନି ଭୂଇଁ ପାଇଁ ୧୨ଟି ଲେଖାଏ ଚଉପଟ ଭୂଇଁ ଚଉତା କାଠରେ ପାଖୁଡ଼ା ବିନ୍ଧ ଆରମ୍ଭ ହୋଇଛି। ସେହିପରି ତିନିରଥର ଦୁଇଟି ଲେଖାଏ ଗରଗରା କାଠର ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନନ୍ଦିଘୋଷ ରଥ ପୋଲ ଗୟଳ ଉଭୟ ପାର୍ଶ୍ୱ ସମତଳ ପରେ ଚିରଟ କାର୍ଯ୍ୟ ଆରମ୍ଭ ହୋଇଛି। ଚାରିନାହାକା ନିର୍ମାଣ ପାଇଁ ରଥ ଅମିନ ଭୋଇ ସେବକଙ୍କ ସହାୟତାରେ ରଥ ଚାଳିକୁ ପ୍ରଥମ ଦଫାରେ ଦୁଇଟି ଲେଖାଏ ୨୦ ଫୁଟିଆ ଧଉରା କାଠ ଯୋଗାଇଲେ। ତେବେ ତିନିରଥର ନିର୍ମାଣ କାର୍ଯ୍ୟ ସମାନ୍ତରାଳ ଭାବେ ଆଗେଇ ଆଗେଇ ଚାଲିଛି। ମହାରଣା ସେବକମାନେ ଭୋଇ ସେବକଙ୍କ ସହଯୋଗରେ ବାକି ଥିବା ୩ ଚକ ନିର୍ମାଣ ଶେଷ ପରେ ତିନିରଥର ମୋଟ ୪୨ଟି ଚକ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ମହାରଣା ସେବକମାନେ ୧୨ଟି ଲେଖାଏ ଚଉପଟ ଭୂଇଁ ଚଉତାରେ ପାଖୁଡ଼ା ବିନ୍ଧ କାର୍ଯ୍ୟ ଆରମ୍ଭ କରିଛନ୍ତି। ପ୍ରତି ଭୂଇଁରେ ଚାରୋଟି ଲେଖାଏ ପାଖୁଡ଼ା ବିନ୍ଧ ଏବଂ ଦୁଇଟି ଲେଖାଏ ଖମ୍ବୀ ସଂଯୋଗ ବିନ୍ଧ ହୋଇ ୧୨ ଚଉତାରେ ୭୨ ବିନ୍ଧ କାର୍ଯ୍ୟ ଜାରି ରଖିଛନ୍ତି। ଏଥିସହ ତିନିରଥର ଦୁଇଟି ଲେଖାଏ ଗରଗରା କାଠର ଚଉପଟ କାର୍ଯ୍ୟ ଜାରି ରହିଛି। ବାହାର ରଥଖଳାରେ ମହାରଣା ସେବକମାନେ ପାଞ୍ଚଦଣ୍ଡା ଚଉପଟ କାର୍ଯ୍ୟ କରୁଛନ୍ତି। ରୂପକାର ସେବକମାନେ କୋଣଗୁଜରେ ସିଂହବିରାଳ ରୂପ ଖୋଦେଇ ସହ ଖୋଦେଇ ସରିଥିବା ରୂପଗୁଡ଼ିକର ପଲିସ କାର୍ଯ୍ୟ କରୁଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝାସେବକମାନେ ଗୟଳ କଣ୍ଟା, ଭୂଇଁ କଣ୍ଟା ଏବଂ ବିଡିଆ କଣ୍ଟା ନିର୍ମାଣରେ ବ୍ୟସ୍ତ ଅଛନ୍ତି। ଏଥିସହ କରତି ସେବକମାନେ ନନ୍ଦିଘୋଷ ରଥର ଦୁଇଟି ଗରଗର କାଠର ମାପ ପ୍ରକାରେ ବଳକା ଅଂଶ କଟିଂ କରିବା ସହ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ ଜାରି ରଖିଛନ୍ତି।

## ଚାରିଦ୍ୱାର ଖୋଲିବା ସମ୍ପର୍କରେ ନିଷ୍ପତ୍ତି ହୋଇନାହିଁ: ଜିଲାପାଳ

ପୁରୀ,୧୦।୬(ଅଜିତ୍ ମହାନ୍ତି)

ରାଜ୍ୟରେ ଭାଜପା ସରକାର ଗଠନ ହେବାକୁ ଯାଉଥିବାରୁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ ସମସ୍ତଙ୍କ ମନରେ ଆଶା ଦେଖାଦେଇଛି। କାରଣ ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀ ଗସ୍ତ କରିବା ସହ ବିଭିନ୍ନ ସଭାରେ ଭାଜପା ସରକାରକୁ ଆସିଲେ ଶ୍ରୀମନ୍ଦିର ଚାରିଦ୍ୱାର ଓ ରତ୍ନଭଣ୍ଡାର ଖୋଲାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେଣୁ ରାଜ୍ୟରେ ଭାଜପା ସରକାର କରିବାକୁ ଯାଉଥିବାରୁ ଶ୍ରୀମନ୍ଦିର ଚାରିଦ୍ୱାର ଭକ୍ତଙ୍କ ଉଦ୍ଦେଶ୍ୟରେ ଖୋଲାଯିବ ବୋଲି ଜଗନ୍ନାଥପ୍ରେମୀ ଆଶା ବ୍ୟକ୍ତ କରିଛନ୍ତି। ସୋମବାର କେତେକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା କି ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଉଛି। ଜିଲା ପ୍ରଶାସନର ଅଧିକାରୀମାନେ ଶ୍ରୀମନ୍ଦିର ଚାରିପଟେ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଜିଲାପାଳଙ୍କ ଅଧକ୍ଷତାରେ ଏକ ବୈଠକ କରାଯାଇଥିବା ନେଇ ମଧ ସୂଚନା ଦିଆଯାଇଥିଲା। ତେବେ ସୋମବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇ କହିଛନ୍ତି, କିଛି ଗଣମାଧ୍ୟମରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ସମ୍ପର୍କରେ ଖବର ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ଚାରିଦ୍ୱାର ଖୋଲିବା ସମ୍ପର୍କରେ କୌଣସି ବୈଠକ ବା ନିଷ୍ପତ୍ତି ହୋଇନାହିଁ। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବାକୁ ନିଷ୍ପତ୍ତି ନେବାରେ ଜିଲାପାଳ ଅଧିକୃତ ନୁହନ୍ତି ବୋଲି ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# 'ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବାକୁ ପଦକ୍ଷେପ ନିଅ'

ପୁରୀ, ୧୦।୬(ଅଜିତ୍ କୁମାର ମହାନ୍ତି)

## ରାଜଭବନରୁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି

ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତ୍ୟେକ ଦିନ ରାଜ୍ୟ ଓ ରାଜ୍ୟ ବାହାରୁ ବହୁସଂଖ୍ୟକ ଭକ୍ତ ପୁରୀ ଆସୁଛନ୍ତି। ତେବେ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଭକ୍ତଙ୍କ ପ୍ରବେଶ ଉପରେ ଅନୁମତି ଥିବାବେଳେ ଅନ୍ୟ ତିନି ଦ୍ୱାର ଦେଇ କଟକଣା ରହିଛି। ଫଳରେ ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଭକ୍ତଙ୍କ ନିମନ୍ତେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ ରାଜ୍ୟପାଳ ହସ୍ତକ୍ଷେପ କରନ୍ତୁ ବୋଲି ସାମାଜିକ କର୍ମୀ ଦିଲୀପ ବରାଳ ଗତ ଏପ୍ରିଲ ୧ ଏବଂ ୧୫ ତାରିଖରେ ଚିଠି ମାଧ୍ୟମରେ ନିବେଦନ କରିଥିଲେ। ଏହାକୁ ରାଜ୍ୟପାଳ ଗ୍ରହଣ କରିଥିବା ଜଣାପଡ଼ିଛି। ଏନେଇ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟକୁ ଏକ ଚିଠି ଆସିଛି। ଭକ୍ତଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ଏଥିସହ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଉଛି ସେ ସଂକ୍ରାନ୍ତରେ ଆବେଦନକାରୀ ବରାଳ ଏବଂ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ସୂଚନା ଦେବା ନିମନ୍ତେ ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ସୋମବାର ବରାଳ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ବରାଳ ତାଙ୍କ ପତ୍ରରେ ଦର୍ଶାଇଥିଲେ ଯେ, ଶ୍ରୀମନ୍ଦିର ରାଜ୍ୟ ଆଇନ ବିଭାଗ ଅଧୀନରେ ରହିଛି। ଶ୍ରୀମନ୍ଦିରକୁ ଭକ୍ତମାନେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରୁଛନ୍ତି। ଅନ୍ୟ ତିନିଦ୍ୱାର ଦେଇ ପ୍ରବେଶ ଉପରେ କଟକଣା ରହିଛି। ଶ୍ରୀମନ୍ଦିର ଚାରିଦ୍ୱାର ୪ଟି ମାର୍ଗର ପ୍ରତୀକ। ମାତ୍ର ଚାରିଦ୍ୱାର ଦେଇ ଭକ୍ତଙ୍କୁ ଛଡ଼ାଯାଉନାହିଁ। କେବଳ ସିଂହଦ୍ୱାର ଦେଇ ପ୍ରବେଶ ଅନୁମତି ମିଳୁଛି। ତେଣୁ ଭକ୍ତମାନେ ଠାକୁରଙ୍କ ଦର୍ଶନ ପାଇଁ ବ୍ୟାରିକେଡ୍‌ରେ ଲମ୍ବାଧାଡ଼ିରେ ଠିଆ ହୋଇ ସମସ୍ୟା ଭୋଗୁଛନ୍ତି। ପ୍ରବଳ ଗହଳି ହେଉଛି। ଏହି ସମସ୍ୟାର ତୁରନ୍ତ ସମାଧାନ ସହ ଭକ୍ତଙ୍କ ଧାର୍ମିକ ଭାବନାକୁ ସମ୍ମାନ ଜଣାଇ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପାଇଁ ବରାଳ ନିବେଦନ କରିଥିଲେ।

## ଦିବ୍ୟାଙ୍ଗଙ୍କୁ ବିଧାୟକଙ୍କ ଟ୍ରାଇସାଇକେଲ୍ ପ୍ରଦାନ



ପ୍ରଶାନ୍ତ ଜୟସିଂହଙ୍କୁ ନବନିର୍ବାଚିତ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଟ୍ରାଇସାଇକେଲ୍ ପ୍ରଦାନ କରୁଛନ୍ତି ।

କଣାସ,୧୦।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ବଡାଲ ପଞ୍ଚାୟତ ବିଣ୍ଡିପୁର ଗ୍ରାମର ଦିବ୍ୟାଙ୍ଗ ପ୍ରଶାନ୍ତ ଜୟସିଂହଙ୍କୁ ସୋମବାର ସତ୍ୟବାଦୀର ନବନିର୍ବାଚିତ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଏକ ଟ୍ରାଇସାଇକେଲ୍ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ପ୍ରଶାନ୍ତ ପରିବାର ପୋଷଣ ପାଇଁ ଭିଟାମାଟି ଛାଡ଼ି ସାଉଦି ଆରବ ଯାଇଥିଲେ। ସେଠାରେ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ସହିତ ଥିବା ବନ୍ଧୁମାନେ ତାଙ୍କର ଚିକିତ୍ସା କରାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଘରକୁ ପଠାଇ ଦେଇଥିଲେ। ସେବେଠାରୁ ପ୍ରଶାନ୍ତଙ୍କର ଗୋଟିଏ ଗୋଡ଼ କାମ କରୁନଥିବାରୁ ସେ ଚଳପ୍ରଚଳ କରିପାରୁନଥିଲେ। ତାଙ୍କୁ ଏକ ହୁଇଲ୍‌ଚେୟାର ଯୋଗାଇ ଦେବା ପାଇଁ ସେ ମିଶ୍ରଙ୍କୁ ନିବେଦନ କରିଥିଲେ। ବିଧାୟକ ମିଶ୍ର ହୁଇଲ୍‌ଚେୟାର ପ୍ରଦାନ କରିବା ସମୟରେ ସାହୁପଡ଼ା ସରପଞ୍ଚ ଭିକାରୀ ବଳିୟାରସିଂ, ମଣ୍ଡଳ ସଭାପତି ଅଜୟ ପ୍ରଦାନ, ଆଶୁତୋଷ ପାଇକରାୟ, ପପୁ ବଳିୟାରସିଂ, ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବୃକ୍ଷ ହିଁ ଜୀବନ

ବଳଙ୍ଗା,୧୦।୬(କେଦାରେଶ୍ୱର ନନ୍ଦ):

ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପମାତ୍ରା ବୃଦ୍ଧି ସମସ୍ତଙ୍କ ପାଇଁ ଏକ ବଡ଼ ସମସ୍ୟା ରୂପେ ଉଭା ହୋଇଛି। ଏଥିରୁ ରକ୍ଷା ପାଇବା ନିମନ୍ତେ ଏକମାତ୍ର ଶ୍ରେଷ୍ଠ ଉପାୟ ହେଉଛି ଚାରାରୋପଣ ଓ ଏହାର ସୁରକ୍ଷା। ଏହି କଥାକୁ ଗୁରୁତ୍ୱର ସହ ନେଇ ସୋମବାର ଅପରାହ୍ନରେ ବଳଙ୍ଗା ନିକଟସ୍ଥ ଭାଣପୁର ଗ୍ରାମର ସଂକଳ୍ପ ଯୁବ ପରିଷଦ ଏବଂ ଗ୍ରାମର ସଚେତନ ନାଗରିକଙ୍କ ତରଫରୁ ହାଇସ୍କୁଲ ଖେଳପଡ଼ିଆ ସହିତ ବିଭିନ୍ନ ସ୍ଥାନରେ ଶତାଧିକ ବଉଳକୋଳି, ନିମ୍ବ, କଦମ୍ବ, ପେସ୍ତବାଦାମ, କୃଷ୍ଣଚୂଡ଼ା ପ୍ରଭୃତି ଚାରା ରୋପଣ କରାଯାଇ ସୁରକ୍ଷାବାଡ଼ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଅଶ୍ୱିନୀ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରି ଯୁବକମାନଙ୍କୁ ଉତ୍ସାହିତ କରିଥିଲେ।



ଚାରାରୋପଣ ଅବସରରେ ସଂକଳ୍ପ ଯୁବ ପରିଷଦର ସଦସ୍ୟ ଏବଂ ଗ୍ରାମବାସୀ ।

# ରଥଯାତ୍ରା ପାଇଁ ଖୋଲାଯାଉଛି ଏସି ଶେଡ୍

ପୁରୀ,୧୦।୬(ଅଜିତ୍ କୁମାର ମହାନ୍ତି)



ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ବଡ଼ଦାଣ୍ଡରେ ଥିବା ଏସି ଶେଡ୍ ବା ବ୍ୟାରିକେଡ୍ ଖୋଲା କାର୍ଯ୍ୟ ଜାରିରହିଛି। ଭକ୍ତଙ୍କ ସୁବିଧା ନିମନ୍ତେ ସରକାରଙ୍କ ପକ୍ଷରୁ ବଡ଼ଦାଣ୍ଡରେ ଏସି ଶେଡ୍ ନିର୍ମାଣ କରାଯାଇଥିଲା। ଫଳରେ ଭକ୍ତମାନେ ଏସି ଶେଡ୍‌ରେ ଆସିବା ସହ ବ୍ୟାରିକେଡରେ ଯାଉଥିଲେ। ତେବେ ରଥ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ରାସ୍ତାର ଗୋଟିଏ ପାର୍ଶ୍ୱରେ ଏସି ଶେଡ୍ ରହିଥିବାବେଳେ ଗୋଟିଏ ପାର୍ଶ୍ୱରେ ରଥ ନିର୍ମାଣ କାଠ ଗଦା ହୋଇରହିଛି। ଫଳରେ ରାସ୍ତା ସଂକୀର୍ଣ୍ଣ ହୋଇ ପ୍ରବଳ ଗହଳି ହେଉଥିଲା। ଏପରିକି ଟ୍ରାଫିକରେ ଆମ୍ବୁଲାନ୍ସ ଫସି ରହୁଥିଲା। ରଥଯାତ୍ରାକୁ ଆଉ ୧ ମାସରୁ କମ୍ ସମୟ ଥିବାବେଳେ ବର୍ତ୍ତମାନଠାରୁ ଏସି ଶେଡ୍ ଖୋଲା କାର୍ଯ୍ୟ ଜାରି ରହିଛି। ଚଳିତ ମାସ ୨୨ ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ସ୍ନାନଯାତ୍ରାରେ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ସେହିପରି ପରମ୍ପରା ଅନୁଯାୟୀ ଉକ୍ତ ଦିନ ତିନି ରଥର ଚାରିନାହାକା ଉଠିଥାଏ। ତେଣୁ ଯେପରି ରଥକାର୍ଯ୍ୟ ଓ ଭକ୍ତଙ୍କ ଯାତାୟାତରେ କୌଣସି ସମସ୍ୟା ନ ହେବ ତାହାକୁ ଦୃଷ୍ଟିରେ ରଖାଯାଇ ଏସି ଶେଡ୍ ଖୋଲାଯାଉଛି। ଏନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ବର୍ତ୍ତମାନ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ରଥଚକଗୁଡିକ ରଖିବା ନିମନ୍ତ ସ୍ଥାନ ସଂକୀର୍ଣ୍ଣ ହୋଇପଡ଼ିଛି। ଲୋକଙ୍କଠାରୁ ଆରମ୍ଭ କରି ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀମାନେ ଯାତାୟତରେ ସମସ୍ୟା ଭୋଗୁଛନ୍ତି। ଅପରପକ୍ଷରେ ସ୍ନାନପୂର୍ଣ୍ଣିମା ଓ ରଥଯାତ୍ରା ପାଖେଇଆସୁଛି। ଏସି ଶେଡ୍ କାଢିବା କାମ ଟାଇମ ଟେଙ୍କିଂ ହୋଇଥିବାରୁ ଏବେଠାରୁ ବ୍ୟାରିକେଡ୍‌କୁ କଢାଯାଉଛି।

## ବ୍ୟାରିକେଡ୍ ପାଇଁ ହଇରାଣ ହେଉଥିଲେ ସ୍ଥାନୀୟ ବାସିନ୍ଦା

ସେହିପରି ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ରଥଯାତ୍ରାକୁ ଦୃଷ୍ଟିରେ ରଖି ଏସି ଶେଡ୍ କଢାଯାଉଛି। ଅନ୍ୟପକ୍ଷରେ ଏସି ଶେଡ୍ ନିର୍ମାଣ ଫଳରେ ଶ୍ରୀମନ୍ଦିର ଚାରିପାଖରେ ରହୁଥିବା ବାସିନ୍ଦା ସମସ୍ୟାର ସମ୍ମୁଖୀନ ହେଉଥିଲେ। ରଥ ନିର୍ମାଣ ପାଇଁ ରଥ କାଠ ଗୋଟିଏ ପାର୍ଶ୍ୱରେ ରହିଛି। ରଥଖଳାକୁ ମଧ ବୁହା ହୋଇ ଆସୁଛି। ଅପରପାର୍ଶ୍ୱରେ ଏସି ଶେଡ୍ ରହିଛି। ଫଳରେ ଯାତାୟତରେ ସମସ୍ୟା ଦେଖାଯାଉଛି। ଟ୍ରାଫିକ ସମସ୍ୟା ଉପୁଜୁଛି। ତେଣୁ ଏସି ଶେଡ୍ କଢା ହେବା ଉଚିତ। ଏହି କାର୍ଯ୍ୟ ବହୁତ ଆଗରୁ ହେବାର ଥିଲା ବୋଲି ମହାପାତ୍ର ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଟିକସ ହସ୍ତାନ୍ତର ବାବଦରେ ଓଡ଼ିଶାକୁ ୬୩୨୭ କୋଟି

ଭୁବନେଶ୍ୱର,୧୦।୬(ଅନୁରାଧା ମହାରଣା)

କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଟିକସ ହସ୍ତାନ୍ତର କିସ୍ତି ବାବଦକୁ ଚଳିତ ମାସରେ ମୋଟ ୧,୩୯, ୭୫୦ କୋଟି ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଜୁନ୍ ମାସର ନିୟମିତ ବିତରଣ ରାଶି ପ୍ରଦାନ ସହ ଗୋଟିଏ ଅତିରିକ୍ତ କିସ୍ତି ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟ ସରକାରମାନେ ବିକାଶ ଓ ପୁଞ୍ଜି ବ୍ୟୟକୁ ତ୍ୱରାନ୍ୱିତ କରିପାରିବେ। ଟିକସ ହସ୍ତାନ୍ତର ବାବଦରେ ଓଡ଼ିଶାକୁ ୬୩୨୭ କୋଟି ୯୨ ଲକ୍ଷ ଟଙ୍କା ମିଳିବ। ୨୦୨୪-୨୫ ଅନ୍ତରୀଣ ବଜେଟରେ ରାଜ୍ୟଗୁଡ଼ିକୁ ଟିକସ ହସ୍ତାନ୍ତର ବାବଦରେ ୧୨,୧୯, ୭୮୩ କୋଟି ଟଙ୍କା ପ୍ରଦାନ କରିବା ଲାଗି ବ୍ୟବସ୍ଥା କରାଯାଇଛି। ଜୁନ୍ ୧୦ ସୁଦ୍ଧା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋଟ୍ ୨,୭୯,୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଲୁହାରଡ୍ ଚୋରି କରି ୩ ଗିରଫ

ବାରଙ୍ଗ,୧୦।୬(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଞ୍ଚଳର ଏକ ନିର୍ମାଣାଧୀନ ସଂସ୍ଥାରୁ ଲୁହାରଡ୍ ଚୋରି କରିବା ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ଥାନା ଅନ୍ତର୍ଗତ ଖେଜାପଡା ଗ୍ରାମର ପ୍ରମୋଦ ନାୟକ (୨୭), ବାଙ୍କୀ ଥାନା କୁସୁନ୍ଦା ଅଞ୍ଚଳର ସଞ୍ଜୟ ମଲିକ ଓ ବୋଲଗଡ଼ ଥାନା ରାଜସୁନାଖଳା ଗ୍ରାମର ବିଷ୍ଣୁ ନାୟକ (୧୯)। ଏମାନଙ୍କ ନିକଟରୁ ସ୍କୁଟି ସହ ଲୁହାରଡ୍ ଓ ଆଙ୍ଗେଲ ଜବତ ହୋଇଛି। ସୂଚନା ମୁତାବକ, କାଟେଣୀ-ନାକାଗେଟ ରାସ୍ତା ନିର୍ମାଣକାରୀ ସଂସ୍ଥା ପରିସରରୁ ରବିବାର ଉପରୋକ୍ତ ଅଭିଯୁକ୍ତମାନେ ୭୬ କେଜି ଲୁହାରଡ୍ ଓ ଆଙ୍ଗେଲ ଚୋରିକରି ଫେରାର ହୋଇଯାଇଥିଲେ। ଏନେଇ ଦାୟିତ୍ୱରେ ଥିବା କର୍ମଚାରୀ ମନୋଜ କୁମାର ପଣ୍ଡା ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୧୮/୨୪) ରୁଜୁକରି ତଦନ୍ତ ଚଳାଇବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

### ସହରରେ ସାମୂହିକ ବୃକ୍ଷରୋପଣ କରିବ ବିଏମ୍‌ସି

ଭୁବନେଶ୍ୱର, ୧୦।୬ (ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱର ଏବେ କଂକ୍ରିଟ୍ ଜଙ୍ଗଲରେ ପରିଣତ ହୋଇଛି। ତାପମାତ୍ରା ବୃଦ୍ଧି ସାଙ୍ଗକୁ ଗରମ-ଗୁଳୁଗୁଳି ରାଜଧାନୀବାସୀଙ୍କୁ କଲବଲ କରୁଛି। ପୂର୍ବାପେକ୍ଷା ଭୁବନେଶ୍ୱରରେ ଲୋକସଂଖ୍ୟା ବଢ଼ିବା ସହ କୋଠାବାଡି ବଢ଼ିଛି। ଯେତିକି ମାଟି ଥିଲା ବିଏମ୍‌ସି ତାକୁ ପେଭର ବ୍ଲକ ପକାଇ ବନ୍ଦ କରିଛି। ଜନସଂଖ୍ୟା ଅନୁପାତରେ ରାଜଧାନୀରେ ଗଛ ନାହିଁ। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ଏବେ ସହରରେ ସାମୂହିକ ବୃକ୍ଷରୋପଣ କରିବାକୁ ଲକ୍ଷ୍ୟ ରଖିଛି। ଏନେଇ ସୋମବାର ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ବସିଥିବା ଅନ୍ତରୀଣ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ବିଏମସିର ସମସ୍ତ ଉପାୟୁକ୍ତ ଓ ଜୋନାଲ ଡେପୁଟି କମିଶନରଙ୍କୁ ଡକାଯାଇ ଏନେଇ ଆଲୋଚନା କରାଯାଇଛି। ଭୁବନେଶ୍ୱରର ୬୭ ୱାର୍ଡରେ ଥିବା ସରକାରୀ ଖାଲି ସ୍ଥାନ, ଦପ୍ତର, ରେସିଡେନ୍ସିଆଲ ୱେଲଫେୟାର ଆସୋସିଏଶନ (ଆରଡବ୍ଲ୍ୟୁଏ) ସହ ଜଳାଶୟ ଓ ରାସ୍ତା କଡ଼ରେ ବୃକ୍ଷରୋପଣ କରାଯିବ। ମୌସୁମୀ ବର୍ଷା ଆରମ୍ଭ ହେଲେ ଏହି ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ ହେବ। ଏନେଇ ଓଡ଼ିଶା ଫରେଷ୍ଟ ଡେଭଲପ୍‌ମେଣ୍ଟ କର୍ପୋରେଶନ (ଓଏଫଡିସି) ସହ ବିଏମ୍‌ସି ଅଧିକାରୀ ଆଲୋଚନା କରିଛନ୍ତି। ବିଏମ୍‌ସିର ଆବଶ୍ୟକ ମୁତାବକ ଓଏଫ୍‌ଡିସି ଗଛ ଯୋଗାଇବ ଏବଂ ବିଏମ୍‌ସି ଅଧିକରୁ ଅଧିକ ଗଛ ଲଗାଇବାକୁ ଚେଷ୍ଟା କରିବ। ବିଶେଷକରି ଶୀଘ୍ର ବଢୁଥିବା ଏବଂ ଅଧିକ ଛାଇ ଦେଉଥିବା ଗଛକୁ ପ୍ରାଥମିକତା ଦିଆଯିବା ନେଇ ବିଏମ୍‌ସି ଯୋଜନା ରଖିଥିବା ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ବୃକ୍ଷ କେଉଁଠି ଲଗାଯିବ, ସେହି ସ୍ଥାନ ସରକାରୀ କି ଘରୋଇ, ତା'ର ବର୍ତ୍ତମାନର ସ୍ଥିତି କ'ଣ ଅଛି - ସେ ସବୁର ସର୍ଭେ କରାଯିବ। ଏଥିସହ ଭୁବନେଶ୍ୱରର ଜଳାଶୟଗୁଡିକର ସ୍ଥିତି ଓ ଏହାସହ ଜଳାଶୟ ପାଖରେ କେଉଁଠି ଗଛ ଲଗାଯାଇପାରିବ ସେନେଇ ମଧ୍ୟ ତଥ୍ୟ ରଖିବାକୁ କୁହାଯାଇଛି। ସପ୍ତାହକ ମଧ୍ୟରେ ଏହି ତଥ୍ୟ ପ୍ରସ୍ତୁତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

# ରାଜଧାନୀରେ ଡେଙ୍ଗୁ, ୧୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଭୁବନେଶ୍ୱର, ୧୦।୬ (ବନ୍ଦନା ସେଠୀ)



ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ପୁଣି ବ୍ୟାପିଲାଣି ଡେଙ୍ଗୁ। ଗତ କିଛିଦିନ ମଧ୍ୟରେ ସହରରୁ ଏକାଧିକ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ସୋମବାର ୱାର୍ଡ ନଂ. ୧୪ରୁ ନୂଆ ଡେଙ୍ଗୁରୋଗୀ ଚିହ୍ନଟ ହେବା ପରେ ରୋଗୀ ସଂଖ୍ୟା ୧୦ ଟପିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ସହରର ନୀଳାଦ୍ରୀ ବିହାର, ବୁଦ୍ଧପାର୍କ, ଶୈଳଶ୍ରୀ ବିହାର ଅଞ୍ଚଳରୁ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି। ପ୍ରତିବର୍ଷ ଖୋର୍ଦ୍ଧା ଜିଲାରେ ସର୍ବାଧିକ ରୋଗୀ ଚିହ୍ନଟ ହେଉଥିବାବେଳେ ଭୁବନେଶ୍ୱର ଡେଙ୍ଗୁ ରୋଗୀଙ୍କ ହଟ୍‌ସ୍ପଟ୍ ପାଲଟିଥାଏ। ତେଣୁ ଜୁନ୍ ଆରମ୍ଭରୁ ସହରରେ ଏଭଳି ସଂକ୍ରମଣ ବିଏମ୍‌ସି ପାଇଁ ପୁଣି ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ବିଏମ୍‌ସିର ଖାମଖିଆଲ ନୀତି ପାଇଁ ପ୍ରତିବର୍ଷ ସହରରେ ଡେଙ୍ଗୁ ସଂକ୍ରମଣ ରେକର୍ଡ ଛୁଇଁବାରେ ଲାଗିଛି। ଗତବର୍ଷ ସହରରୁ ପ୍ରାୟ ୫ହଜାର ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିବାବେଳେ ଏଥିରେ ୫ଜଣ ମୃତ୍ୟୁବରଣ କରିଥିଲେ। ମାତ୍ର ତଥାପି ନିଜ ଭୁଲ୍‌ରୁ କିଛି ଶିଖିପାରୁନି ବିଏମ୍‌ସି। ଡେଙ୍ଗୁ ମୁକାବିଲା ପାଇଁ ବିଏମ୍‌ସି ପକ୍ଷରୁ ପ୍ରତି ଶୁକ୍ରବାରକୁ ଡ୍ରାଏ ଡେ' ଭାବେ ପାଳନ କରାଯାଇଥିଲା। ଖାଲି ପାତ୍ର, ଭଙ୍ଗାରୁଜା ସାମଗ୍ରୀରେ ଯେପରି ବର୍ଷା ପାଣି ଜମି ନ ରହିବା, ମଶାରି ଟାଣି ଶୋଇବା, ଡେଙ୍ଗୁ ଲକ୍ଷଣ ଦେଖାଦେଲେ ତୁରନ୍ତ ସରକାରୀ ଡାକ୍ତରଖାନାରେ ରକ୍ତ ନମୁନା ପରୀକ୍ଷା କରିବା ଆଦି ଉପରେ ସ୍ୱାସ୍ଥ୍ୟକର୍ମୀ ଓ ବିଏମ୍‌ସିର କର୍ମଚାରୀ ମିଳିତ ଭାବେ ବିଭିନ୍ନ ବସ୍ତି, ଆପାର୍ଟମେଣ୍ଟକୁ ଯାଇ ଲୋକଙ୍କୁ ସଚେତନ କରିବାକୁ ଯୋଜନା କରିଥିଲା। ମାତ୍ର ଏସବୁ ଏଯାଏ ଆରମ୍ଭ ହୋଇନାହିଁ। ଫଳରେ ଜୁନ୍‌ରେ ଡେଙ୍ଗୁ ବ୍ୟାପୁଥିବାବେଳେ ଆଗକୁ ବର୍ଷାଦିନ ଆସୁଥିବାରୁ ସ୍ଥିତି ସାଂଘାତିକ ହେବା ଆଶଙ୍କା କରାଯାଉଛି। ସେହିପରି ରାଜଧାନୀରେ ପରିମଳ ଅବସ୍ଥା ବି ଶୋଚନୀୟ ହୋଇପଡ଼ିଛି। ବିଭିନ୍ନ ୱାର୍ଡରେ ଅଳିଆ ପଡି ରହୁଥିବାବେଳେ ଅଧିକାଂଶ ଡ୍ରେନ୍ ଏଯାଏ ସଫା ହୋଇପାରିନାହିଁ। ସେହିପରି ବିଏମ୍‌ସି ପକ୍ଷରୁ ଗତବର୍ଷ ୪ଟି ମଶା ଲାର୍ଭା ଉତ୍ପତ୍ତି ସ୍ଥଳରେ ଗମ୍ବୁସିଆ ମାଛ ଛଡାଯାଇଥିଲା। ଏହି ମାଛ ମଶା ଲାର୍ଭାକୁ ଖାଇଦେବେ ଏବଂ ଲାର୍ଭା ମଶା ହେବାର ସୁଯୋଗ ପାଇବେ ନାହିଁ। ଏତେ ପରେ ବି ବିଏମ୍‌ସି ଅଧିକାରୀଙ୍କ ହେ ଜ୍ଞାନ ପାଇଁ ସହରରେ ସଂକ୍ରମଣ ସ୍ଥିତି ବିଗିଡି ଯାଇଥିଲା। ତେବେ ବିଏମ୍‌ସି ଚଳିତବର୍ଷ ନିଜ ଭୂଲ୍‌ରୁ କିଛି ଶିଖିବ ନା ପୁଣି ଥରେ ସେଭଳି ସ୍ଥିତି ହେବ ସେ ନେଇ ସହରବାସୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଏନେଇ ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି, ଖୁବ୍‌ଶୀଘ୍ର ବିଏମ୍‌ସି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ମାସ୍‌କ୍ଲିନିଙ୍ଗ୍ ଏବଂ ପ୍ରତି ଶୁକ୍ରବାର ଡ୍ରାଏ ଡେ' ପାଳନ ଆରମ୍ଭ ହେବ। ଏଥିସହ ଶହୀଦନଗରସ୍ଥିତ ଏକ ଡ୍ରେନ୍‌ରେ ଗମ୍ବୁସିଆ ଏବଂ ଗପି ମାଛକୁ ଛଡାଯାଇଛି, ଯାହା ମଶା ଲାର୍ଭାକୁ ଖାଇଦେବ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଡ୍ରେନ୍ ଏବଂ ପୁରୁଣା ବ୍ରିଡିଂ ସ୍ଥଳରେ ଏହି ମାଛ ଛଡାଯିବ।

# କାହାଣୀକାର ସାଜିଲେ କୁନି ପିଲା




ଭୁବନେଶ୍ୱର,୧୦।୬(ଶର୍ମିଷ୍ଠା ପାଣିଗ୍ରାହୀ)

ବକୁଳ ଷ୍ଟୋରିଟେଲିଂ ଫେଷ୍ଟିଭାଲର ଶିଶୁ ସଂସ୍କରଣ ରବିବାର ବକୁଳ ଲାଇବ୍ରେରିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯ରୁ ୧୪ ବର୍ଷ ବୟସର ୧୧ ଜଣ କୁନି କାହାଣୀକାର କାହାଣୀ କହିଥିଲେ। କାହାଣୀ କହିଲେ ଆମେ ସାଧାରଣତଃ ଜଣେ ବୟସ୍କ ବ୍ୟକ୍ତି କହିବା ଓ ସାନ ପିଲା ଶୁଣିବାର କଥା ଦେଖିଛେ। ମାତ୍ର ଏବେ ନିଜେ କୁନି କୁନି କାହାଣୀକାରମାନେ ଗପ କହିଛନ୍ତି। ଆଉ ତାଙ୍କ ମନଛୁଆଁ ଗପକୁ ଛୋଟରୁ ବଡ଼ ସମସ୍ତେ ବସି ଉପଭୋଗ କରିଛନ୍ତି।

ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର କହିଛନ୍ତି, ଏହା ବୋଧହୁଏ ଦେଶର ପ୍ରଥମ କାହାଣୀ ମହୋତ୍ସବ, ଯେଉଁଥିରେ ସମସ୍ତ କାହାଣୀକାର ହେଉଛି ଛୋଟପିଲା। ଗତ ସପ୍ତାହରେ ଅନୁଷ୍ଠିତ ହୋଇଥିବା ବକୁଳ ଷ୍ଟୋରିଟେଲିଂ ଫେଷ୍ଟିଭାଲର ଏହା ଏକ ସିକ୍ୱେଲ ଥିଲା। ବକୁଳ ପାଠାଗାର କୋଭିଡ୍ ସମୟରେ 'ଷ୍ଟୋର ଟାଇମ @ ୯' ଏବଂ 'ରବିବାର ଗପବାର' ଭଳି ଲୋକପ୍ରିୟ ଅନ୍‌ଲାଇନ କାହାଣୀ ଉତ୍ସବର ଆୟୋଜନ କରାଯାଇଥିଲା। ଏହା ପିଲାମାନଙ୍କୁ ଫାଉଣ୍ଡେଶନର ୟୁଟ୍ୟୁବ ଏବଂ ଫେସ୍‌ବୁକ ଚ୍ୟାନେଲରେ କାହାଣୀ ଅଧିବେଶନ ଦେଖିବାରେ ସାହାଯ୍ୟ କରିଥିଲା।

# ନନ୍ଦିନୀ ଶତପଥୀ କେବେ ବି ଅନ୍ୟାୟ ନିକଟରେ ମୁଣ୍ଡ ନୁଆଁଇ ନ ଥିଲେ




ଭୁବନେଶ୍ୱର, ୧୦।୬ (ବନ୍ଦନା ସେଠୀ)

ଆମଫୋଇ ପକ୍ଷରୁ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଉତ୍ସବ ରେଡକ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ନନ୍ଦିନୀ ମୁଖ୍ୟମନ୍ତ୍ରୀ ଥିବାବେଳେ ସେ ତାଙ୍କ ପଦବୀର ମହତ ହରାଇ ନ ଥିଲେ। ଜରୁରିକାଳୀନ ପରିସ୍ଥିତିବେଳେ ସେ ସଞ୍ଜୟ ଗାନ୍ଧୀଙ୍କ ଅସାମ୍ବିଧାନିକ ନେତୃତ୍ୱକୁ ମଧ୍ୟ ସ୍ୱୀକୃତି ଦେଇ ନ ଥିଲେ। ସେ କେବେ ବି ଅନ୍ୟାୟ ଅନୀତି ନିକଟରେ ମୁଣ୍ଡ ନୁଆଁଇ ନ ଥିଲେ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ବି. ରାମଚନ୍ଦ୍ର ସିଏସ୍‌ଟି ଭୋଲଟେୟାର କହିଥିଲେ। ସଭାପତି ମାନସ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଡ. ହୃଷୀକେଶ ମଲ୍ଲିକ ଯୋଗଦେଇ କହିଲେ, ନାରୀନେତ୍ରୀ ନନ୍ଦିନୀ ଶତପଥୀଙ୍କ ନିକଟରେ ସାହିତ୍ୟିକ ପ୍ରତିଭା ଓ ରାଜନୀତି କ୍ଷେତ୍ରରେ ଦୃଢ ନିଷ୍ପତ୍ତି ନେବାର ଅତୁଳନୀୟ ଦକ୍ଷତା ରହିଥିଲା। ମୁଖ୍ୟବକ୍ତା ଭାବେ ପ୍ରଫେସର ବିଜୟ ବହିଦାର ପ୍ରତିମା ପୂଜା ଦ୍ୱାରା ପ୍ରତିଭାର ଆଦର ଓ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ବିକାଶ ଯେପରି ହେବା କଥା ତାହା ଭାରତରେ ହେଉନାହିଁ ବୋଲି କହି କ୍ଷୋଭ ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରଫେସର ହିପୁ ସଲକ୍ କ୍ରିଷଲ୍ ନାଥନଙ୍କ ଦ୍ୱାରା ରଚିତ ଗଳ୍ପ ସଂକଳନ 'ଜିଅନ୍ତା କମଳ ଓ ଅନ୍ୟାନ୍ୟ କାହାଣୀ', ଡ. ବିଧୁପ୍ରଭା ରଥଙ୍କ ଦ୍ୱାରା ରଚିତ ପୁସ୍ତକ 'ନିରୀଶ୍ୱରବାଦୀ ମୁକ୍ତ ଚିନ୍ତକ ସମାଜ ସଂସ୍କାରକ ବି. ରାମଚନ୍ଦ୍ର ସିଏସ୍‌ଟି ଭୋଲ୍‌ଟେୟାର' ଏବଂ ଭୋଲ୍‌ଟେୟାରଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଆତ୍ମଜୀବନୀ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ମେମୋରିଆଲ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

### 'ମ୍ୟାନେଜମେଣ୍ଟ ଶିକ୍ଷାର ଗୁଣବତ୍ତା ଏବଂ ଭବିଷ୍ୟତ' ଉପରେ ଆଲୋଚନା

ଭୁବନେଶ୍ୱର,୧୦।୬: (ଅଭୟ ଦାଶ)

ୟୁନିଟ୍-୩ ସ୍ଥିତ ଭବନ୍ସ ସେଣ୍ଟର ଫର୍ କମ୍ୟୁନିକେଶନ ଆଣ୍ଡ୍ ମ୍ୟାନେଜମେଣ୍ଟ (ବିସିସିଏମ୍) ଏବଂ ଆସୋସିଏଶନ ଅଫ୍ ଇଣ୍ଡିଆନ ମ୍ୟାନେଜମେଣ୍ଟ ସ୍କୁଲ୍‌ସ (ଏଆଇଏମ୍‌ଏସ୍) ପକ୍ଷରୁ ଏକ ଦିନିକିଆ କର୍ମଶାଳା ସୋମବାର ହୋଟେଲ ମେ ଫେୟାରଠାରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅତିଥି ଓ ବିଶେଷଜ୍ଞମାନେ 'ମ୍ୟାନେଜମେଣ୍ଟ ଶିକ୍ଷାର ଗୁଣବତ୍ତା ଏବଂ ଭବିଷ୍ୟତ' ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଭାଇସ ଚେୟାରମ୍ୟାନ ପ୍ରଫେସର ଡ. ଅଶୋକ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଏଆଇଏମ୍‌ଏସ୍‌ର ସଭାପତି ସୁଧୀର ଶର୍ମା, ପ୍ରଫେସର ପି.ପି. ମାଥୁର, ପ୍ରଫେସର ଅମୀୟ କୁମାର ରଥ, ପ୍ରଫେସର ବି.ବି. ମିଶ୍ର, ପ୍ରଫେସର ଏମ୍. ରାମମୋହନ ରାଓ ଏବଂ ବିସିସିଏମ୍‌ର ଅଧ୍ୟକ୍ଷ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଜେ.କେ. ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିସିସିଏମ୍‌ର ଡାଇରେକ୍ଟର କମ୍ ଡିନ୍ ତଥା ରାଉଣ୍ଡଟେବୁଲ ପରିଚାଳନା କମିଟି ଆବାହକ ପ୍ରଫେସର ଡ. ସୁଜାତା ମଙ୍ଗରାଜ କର୍ମଶାଳାର ଆଭିମୁଖ୍ୟ ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏଆଇଏମ୍‌ଏସ୍‌ର ସଦସ୍ୟ ଡ. ଆର୍ଯ୍ୟ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମାତାପିତାଙ୍କ ଆଶୀର୍ବାଦ ଜୀବନର ଶୀର୍ଷ ସଫଳତା




ଭୁବନେଶ୍ୱର, ୧୦।୬ (ବନ୍ଦନା ସେଠୀ)

ବିଦ୍ୟାର୍ଥୀମାନଙ୍କର ପ୍ରଥମ କର୍ତ୍ତବ୍ୟ ଅଧ୍ୟୟନ। ମାତାପିତାଙ୍କ ଆଶୀର୍ବାଦ ହିଁ ବିଦ୍ୟାର୍ଥୀ ଜୀବନର ଶୀର୍ଷ ସଫଳତା ପାଇଁ ମାର୍ଗଦର୍ଶନ କରାଏ। ତେଣୁ ପ୍ରତ୍ୟେକ ବିଦ୍ୟାର୍ଥୀ ସଂସ୍କାରସମ୍ପନ୍ନ ହେବା ଜରୁରୀ ବୋଲି ବୈଦିକ ବିଦ୍ୱାନମାନେ ମତପ୍ରକାଶ କରିଛନ୍ତି। ରାଜଧାନୀ ଉପକଣ୍ଠ କଟକ ଜିଲାର ଉଷୁମାସ୍ଥିତ ବେଦଧାମଠାରେ ଅନୁଷ୍ଠିତ ପଞ୍ଚଦିବସୀୟ 'ବିଦ୍ୟାର୍ଥୀ ଜୀବନ ନିର୍ମାଣ ଶିବିର' ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବେଦଗବେଷକ ଇଂ. ପ୍ରିୟବ୍ରତ ଦାସ ବେଦଧାମର ଏଭଳି ଆୟୋଜନ ବିଦ୍ୟାର୍ଥୀଙ୍କୁ ସଂସ୍କାରିତ କରିବ ବୋଲି କହିଥିଲେ। ବିଦ୍ୟାର୍ଥୀମାନେ ଉଷାକାଳରୁ ଶଯ୍ୟା ତ୍ୟାଗକରି ମାତାପିତାଙ୍କ ଆଶୀର୍ବାଦ ନେଲେ କର୍ମଠ ହେବା ସହ ସେମାନଙ୍କର ମେଧାଶକ୍ତି ବୃଦ୍ଧିପାଏ ବୋଲି ଶନ୍ତୋଦେବୀ ମତ ଦେଇଥିଲେ। ସାହିତ୍ୟିକ ମନୋଜ କୁମାର ମହାପାତ୍ର, ଇଂ. ବ୍ରଜବନ୍ଧୁ ପଣ୍ଡା, ଆର୍ଯ୍ୟସମାଜ ଓଡ଼ିଶା ଓ ସ୍ୱାମୀ ବ୍ରହ୍ମାନନ୍ଦ ଟ୍ରଷ୍ଟର ମୁଖ୍ୟ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜ ମତ ରଖିଥିଲେ। ବେଦଧାମର ପ୍ରତିଷ୍ଠାତା ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଚିତ୍ତରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ଓ ପ୍ରତିଯୋଗିତାରେ ସଫଳତା ପାଇଥିବା ୧୪ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାର୍ଥୀମାନଙ୍କୁ ବ୍ୟାୟାମ ପ୍ରଶିକ୍ଷଣ ଦେଇଥିବା 'ଆର୍ଯ୍ୟ ବୀରଦଳ'ର ଗୋପୀ ଆର୍ଯ୍ୟ ଓ ଭୁବନେଶ୍ୱର ଆର୍ଯ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଅଜୟ ମହାପାତ୍ର ଏହାକୁ ପରିଚାଳନା କରିଥିବାବେଳେ ସୁନୀଲ କୁମାର ଦେ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାକୃତିକ ଗ୍ୟାସ୍ ବାହାରିବା ଆଶା ମଉଳିଲା

ଗୋପ,୧୦।୬(ଭାରତୀ ଭୂଷଣ ଉପାଧ୍ୟାୟ)

ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ଚିତ୍ରା ଗ୍ରାମ ନିକଟରେ ଗତ ଦୁଇବର୍ଷ ଧରି ଅଏଲ୍ ଇଣ୍ଡିଆ କମ୍ପାନୀ ପକ୍ଷରୁ ପ୍ରାକୃତିକ ଗ୍ୟାସ୍ ସହ ତୈଳ ବାହାରିବା ନେଇ କାର୍ଯ୍ୟ ଚାଲିଥିଲା। ତେବେ କୌଣସି କାରଣରୁ ୨୨ ଶହ ମିଟର ତଳେ ୨୦ କୋଟି ଟଙ୍କାର ରିଙ୍ଗ୍ ମେଶିନ୍ ରହିଯିବାରୁ ପ୍ରାକୃତିକ ଗ୍ୟାସ ଓ ତୈଳ ବାହାରିବା ନେଇ ଆଶା ମଉଳିଗଲା। ଫଳରେ ଅଏଲ୍ ଇଣ୍ଡିଆ କମ୍ପାନୀ ନିରାଶ ହୋଇ ଯନ୍ତ୍ରାଂଶ ନେଇ ଏଠାରୁ ଚାଲିଯିବାକୁ ବସିଛି।

ସୂଚନା ଅନୁଯାୟୀ, ୨୦୦୭-୦୮ ମସିହାରେ ଅଏଲ୍ ଇଣ୍ଡିଆ କମ୍ପାନୀ ପକ୍ଷରୁ ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରାକୃତିକ ଗ୍ୟାସ ସହ ତୈଳ ଲାଗି ଖନନ କରାଯାଇଥିଲା। ଗୋପ, ମହଲପଡ଼ା ପଞ୍ଚାୟତର ଚିତ୍ରା ଗ୍ରାମ ନିକଟରେ ପର୍ଯ୍ୟାପ୍ତ

**ଖନନ ପଥ ରୋକିଲା ବିରାଟ ପଥର**

ପରିମାଣର ପ୍ରାକୃତିକ ଗ୍ୟାସ ଓ ତୈଳ ଥିବା ଜଣାପଡ଼ିଥିଲା। ପ୍ରଥମେ ଗୋପରେ କମ୍ପାନୀ ପକ୍ଷରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବିଭିନ୍ନ ଅତ୍ୟାଧୁନିକ ମେଶିନ୍ ଦ୍ୱାରା ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୋଟିଏ ବର୍ଷ ପରେ ସମ୍ପୃକ୍ତ ସ୍ଥାନର ମାଟି ତଳେ ଏକ ବିରାଟକାୟ ପଥର ଥିବା ଜଣାପଡ଼ିବାରୁ ଖନନ ବନ୍ଦ କରାଯାଇ ମେଶିନଗୁଡ଼ିକୁ ମହଲପଡ଼ା ପଞ୍ଚାୟତର ଚିତ୍ରା ଗ୍ରାମକୁ ନିଆଯାଇଥିଲା। ସେଠାରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୁଇବର୍ଷ ଧରି ଖନନ ଚାଲିଥିବାବେଳେ ପର୍ଯ୍ୟାପ୍ତ ପରିମାଣର ପ୍ରାକୃତିକ ଗ୍ୟାସ୍ ରହିଥିବା ଜାଣିବାକୁ ମିଳିଥିଲା। ତେବେ ଖନନ ସମୟରେ ୨୨ଶହ ମିଟର ତଳେ ୨୦ କୋଟି ଟଙ୍କାର ରିଙ୍ଗ୍ ମେଶିନ୍ ଯନ୍ତ୍ରାଂଶ ରହିଯିବାରୁ କାର୍ଯ୍ୟ ବନ୍ଦ ରଖିବାକୁ ପଡ଼ିଛି। ଏବେ ମେଶିନ୍‌ଗୁଡିକୁ ଚିତ୍ରା ଗ୍ରାମରୁ ସ୍ଥାନାନ୍ତର କରାଯାଉଛି। ଦୁଇଟି ସ୍ଥାନରେ ବିପୁଳ ଅର୍ଥରାଶି ବ୍ୟୟ ପରେ ମଧ୍ୟ ପ୍ରାକୃତିକ ଗ୍ୟାସ ଓ ତୈଳ ବାହାରିବା ସ୍ୱପ୍ନ ମଉଳିଯାଇଛି। ଗୋପ ଅଞ୍ଚଳରେ ଏହି ଖନନ କାର୍ଯ୍ୟକୁ ନେଇ ସ୍ଥାନୀୟ ଯୁବତୀ ଯୁବକମାନେ ବେଶ୍ ଉତ୍ସାହିତ ଥିଲେ। କାରଣ ଏଠାରେ କମ୍ପାନୀ ପକ୍ଷରୁ ସେମାନଙ୍କୁ ରୋଜଗାର ମିଳିବା ସହ ଆତ୍ମନିର୍ଭରଶୀଳ ସାଙ୍ଗକୁ ଅଞ୍ଚଳର ବିକାଶ ହେବା ନେଇ ଆଶା ରହିଥିଲା। ଏବେ କିନ୍ତୁ ସମସ୍ୟା ଯୋଗୁ ନିରାଶଭାବ ପ୍ରକାଶ ପାଇଛି। ଏଥିସହ କମ୍ପାନୀର ପ୍ରୟାସ ଓ ପରିଶ୍ରମ ବ୍ୟର୍ଥ ହୋଇଛି। ଏ ନେଇ ଅଏଲ୍ ଇଣ୍ଡିଆ କମ୍ପାନୀର ଜଣେ ଅଧିକାରୀ କହିଛନ୍ତି, ବହୁ ପରିଶ୍ରମ ଓ ଉଦ୍ୟମ କରାଯାଇଥିଲେ ମଧ୍ୟ ସେହି ସ୍ଥାନରେ ବିରାଟ ପଥର ରହିଥିବାରୁ କାର୍ଯ୍ୟ ଆଗେଇପାରିଲା ନାହିଁ।



ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ସୋମବାର ଅନୁଷ୍ଠିତ ସପ୍ତମ ଗୀତାଞ୍ଜଳି ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ ରେ ଅତିଥିମାନେ ଯୁକ୍ତ୨ ବିଜ୍ଞାନରେ ଟପ୍ପର ହୋଇଥିବା ସ୍ୱୟଂପ୍ରଜ୍ଞା ସାହୁଙ୍କୁ ସମ୍ମାନିତ କରୁଛନ୍ତି। ଉତ୍ସବରେ ମୋଟ ୧୫ଜଣଙ୍କୁ 'ଗୀତାଞ୍ଜଳି ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା।

# ୱାର୍ଡବୁଲି ସମସ୍ୟା ବୁଝିଲେ ବାବୁ ସିଂ

ପୁରୁଣା ଭୁବନେଶ୍ୱର,୧୦।୬(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀର ନବନିର୍ବାଚିତ ଭାଜପା ବିଧାୟକ ବାବୁ ସିଂ ପ୍ରତ୍ୟେକ ଦିନ ବିଭିନ୍ନ ୱାର୍ଡ ବୁଲି ସମସ୍ୟା ପଚାରି ବୁଝିବା ସହ ସମାଧାନ କରୁଛନ୍ତି। ସୋମବାର ଏହି ନିର୍ବାଚନମଣ୍ଡଳୀର ପଳାଶପଲ୍ଲୀ, ଘାଟିକିଆ, ଓଲ୍ଡଟାଉନ, ପୋଖରୀପୁଟ, କପିଳେଶ୍ୱର ଆଦି ଅଞ୍ଚଳର ବିଭିନ୍ନ ସ୍ଥାନ ବୁଲି ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ଡ୍ରେନ୍, ଜଳାଶୟ ଆଦିର ପୁନରୁଦ୍ଧାର ସହ ସଫେଇ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବାବୁ ସିଂ କହିଛନ୍ତି, ଏକାମ୍ର ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପ୍ରାଥମିକ କର୍ତ୍ତବ୍ୟ। ପୂର୍ବରୁ ମଧ୍ୟ ୱାର୍ଡ ବୁଲି ଲୋକଙ୍କ ସମସ୍ୟା ପଚାରି ବୁଝୁଥିଲି, ଏବେ ମଧ୍ୟ ବୁଝୁଛି ବୋଲି ସେ କହିଛନ୍ତି।



ବଡ଼ଗଡ଼ ଗ୍ରାମ ଗୃହିଣୀ ସଂଘ ପକ୍ଷରୁ ଏକାମ୍ର ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ଭାଜପା ବିଧାୟକ ବାବୁ ସିଂଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଉଛି।

# ନିଷ୍କ୍ରିୟ ହୋଇପଡୁଛି ଜୀବେ ନିଷ୍ଠୁରତା ନିରୋଧ ସମିତି

ଭୁବନେଶ୍ୱର, ୧୦।୬ (ବନ୍ଦନା ସେଠୀ)

ରାଜ୍ୟର ପ୍ରତି ଜିଲାରେ ଥିବା ଜୀବେ ନିଷ୍ଠୁରତା ନିରୋଧ ସମିତି ବା ସୋସାଇଟି ଫର୍ ପ୍ରିଭେନ୍‌ଶନ୍ କ୍ରୁଏଲଟି ଟୁ ଆନିମଲ (ଏସ୍‌ପିସିଏ) ଏବେ ନିଷ୍କ୍ରିୟ ହୋଇ ପଡିଛି। ଜିଲାସ୍ତରରେ ଏହି ସଙ୍ଗଠନର ଅଧ୍ୟକ୍ଷ ଭାବେ ଜିଲାପାଳ ଥିବାବେଳେ ଉପସଭାପତି ଭାବେ ଏସ୍‌ପି ରହିଛନ୍ତି। ଏହାର ସମ୍ପାଦକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଦାୟିତ୍ୱ ନିର୍ବାହ କରୁଥିବାବେଳେ ଏହାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଜଣେ ପ୍ରାଣୀ କଲ୍ୟାଣ ଅଧିକାରୀ ନିଯୁକ୍ତି ପାଇଛନ୍ତି। ମାତ୍ର ଦୀର୍ଘବର୍ଷ ହେବ ବୈଠକ ହେଉ ନ ଥିବାରୁ ତାହା ଏବେ ନିଷ୍କ୍ରିୟ ହୋଇ ପଡିଥିବା ପୂର୍ବତନ ପ୍ରାଣୀ କଲ୍ୟାଣ ଅଧିକାରୀ ତଥା ଏସ୍‌ପିସିଏ ସଦସ୍ୟ ଡା.

**ଜିଲାପାଳଙ୍କୁ ଅଭିଯୋଗ କଲେ ସଦସ୍ୟ**

ତ୍ରୈଲୋକ୍ୟ ନାଥ ମହାରଣା ଅଭିଯୋଗ କରିଛନ୍ତି। ଏନେଇ ତ୍ରୈଲୋକ୍ୟ ଖୋର୍ଦ୍ଧା ଜିଲାପାଳ, ରାଜ୍ୟ ସରକାରଙ୍କ ପ୍ରାଣୀ କଲ୍ୟାଣ ବିଭାଗ, ପ୍ରାଣୀ ନିର୍ଦ୍ଦେଶକ, ନିର୍ବାଚନ କମିଶନ, ଗଞ୍ଜାମ ଜିଲାପାଳ ପ୍ରମୁଖଙ୍କୁ ଅଭିଯୋଗ କରିଛନ୍ତି।

ସେ ତାଙ୍କ ଅଭିଯୋଗପତ୍ରରେ ଲେଖିଛନ୍ତି, ଖୋର୍ଦ୍ଧା ଜିଲାର ଏସ୍‌ପିସିଏ ଶେଷ ବୈଠକ ୨୦୨୧ ଡିସେମ୍ବର ୯ରେ ତତ୍କାଳୀନ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ତଥା ଜିଲା ଏସ୍‌ପିସିଏ ସମ୍ପାଦକ ଡା. ଆଶିଷ ରଞ୍ଜନ ଶତପଥୀଙ୍କ ପ୍ରଚେଷ୍ଟା ଓ ଜିଲାପାଳ ସଂଗ୍ରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମୟ ଅଭାବରୁ ଅଧିକ ଆଲୋଚନା ହୋଇ ନ ପାରିବାରୁ ପ୍ରତି ୩ମାସରେ ଥରେ ସାଧାରଣ ବୈଠକ ଡାକି ଜିଲାରେ ହେଉଥିବା ପ୍ରାଣୀ ନିଷ୍ଠୁରତା ବନ୍ଦ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଢେଇ ବର୍ଷ ହେବ ସାଧାରଣ ବୈଠକ ଡକାଯାଇ ନାହିଁ। ସେହିପରି ରାଜ୍ୟରେ ବିଭିନ୍ନ ଜିଲା, ରାଜଧାନୀ ଦେଇ ମଧ୍ୟ ରାତ୍ରିରେ ବେଆଇନ ଗୋ ଚାଲାଣ, ପ୍ରାଣୀ ନିଷ୍ଠୁରତା ଚରମ ସୀମାରେ ପହଞ୍ଚିଥିବାବେଳେ ଏହାକୁ ପ୍ରତିରୋଧ କରିବା ପାଇଁ ରାଜ୍ୟ ଓ ଜିଲା ଏସ୍‌ପିସିଏ ପକ୍ଷରୁ କୌଣସି ବୈଠକ ଅନୁଷ୍ଠିତ ହୋଇ ନ ଥିବା ଅଭିଯୋଗ ହୋଇଛି। ଏପରିକି ଜିଲାରେ ଏସ୍‌ପିସିଏ ସଦସ୍ୟମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇ ନ ଥିବାରୁ ରାତ୍ରିରେ ବେଆଇନ ଗୋ-ଚାଲାଣ ପ୍ରତିରୋଧ ପାଇଁ କାମ କରିବାକୁ ସେମାନେ ସୁରକ୍ଷିତ ମଣୁ ନାହାନ୍ତି। ଅପରପକ୍ଷେ ରାଜ୍ୟ ତଥା ବିଭିନ୍ନ ଜିଲାରେ ଆନ୍ତଃରାଜ୍ୟର ଗୋରୁ ମାଫିଆ ରାତିରେ ରାସ୍ତା କଡରେ ବିଶ୍ରାମ ନେଉଥିବା ବୁଲା ଗାଈଗୋରୁଙ୍କୁ ଉଠାଇବା ସହିତ ହତ୍ୟା ପାଇଁ ବିଭିନ୍ନ ଗାଡ଼ିରେ ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ଏହି ସମୟରେ ଜବତ ହେଉଥିବା ଗୋରୁଙ୍କୁ ଜିଲାରେ ବିଭିନ୍ନ ଗୋଶାଳାରେ ରଖିବା ପାଇଁ ସ୍ଥାନର ଘୋର ଅଭାବ ଦେଖାଦେଇଥିବାରୁ ସେ ନେଇ ବିଧିବଦ୍ଧ ନିଷ୍ପତ୍ତି ମଧ୍ୟ ନିଆଯାଇ ପାରୁନାହିଁ। ତେଣୁ ଏସ୍‌ପିସିଏ ବୈଠକର ଗୁରୁତ୍ୱକୁ ହୃଦୟଙ୍ଗମ କରି ତୁରନ୍ତ ଏନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

# ଜମିଲାଣି ରଜ ଉତ୍ସାହ

ପାଖେଇ ଆସୁଛି ରଜ। ପିଠାପଣାରେ ମହକିବ ଗାଁଠୁ ସହର। ଝିଅ, ବୋହୂମାନେ ନୂଆ ନୂଆ ପୋଷାକ ପିନ୍ଧି ହାତରେ ମେହେନ୍ଦି, ଗୋଡ଼ରେ ଅଳତା ଲଗାଇ ସଜେଇ ହେବେ। ବିଭିନ୍ନ ସ୍ଥାନରେ ଚାଲିବ ରଜ ମହୋତ୍ସବ। ସାଂସ୍କୃତିକ ସନ୍ଧ୍ୟା ସହ ରଜ ପାନ, ପିଠାମିଠା ଖାଇ ପାଳନ କରିବେ ସଭିଏ। ଏଥିପାଇଁ ଏବେଠୁ ଉତ୍ସାହ ଦେଖିବାକୁ ମିଳୁଛି। ରାଜଧାନୀ ଭୁବନେଶ୍ୱର ସମେତ ସବୁଠି ଆରମ୍ଭ ହୋଇଯାଇଛି ଜୋରଦାର ପ୍ରସ୍ତୁତି। ୟୁନିଟ୍-୨ ମାର୍କେଟ ବିଲ୍ଡିଂଠୁ ନେଇ ବଡ଼ ବଡ଼ ଶପିଂ ମଲ୍‌ରେ ଭିଡ଼ ଲାଗି ରହିଛି। ମଲ୍ ସାମ୍ନାରେ ଦୋଳି ଲାଗିଛି। ସବୁବର୍ଷ ପରି ଏଥର ମଧ୍ୟ ଶପିଂ ମଲ୍ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ସେପଟେ ଭଲ ବେପାର ପାଇଁ ସିନେମା ହଲ୍ ମାଲିକମାନେ ଆଶାବାନ୍ଧି ବସିଥିବାବେଳେ ଏଥର ପ୍ରେକ୍ଷାଳୟରେ ରାଜ୍ କରିବ ୩ ଓଡ଼ିଆ ସିନେମା। ସେହିପରି ହୋଟେଲ, କ୍ଲବ୍ ସମେତ ବିଭିନ୍ନ ବେସରକାରୀ ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ ପାଳନ କରାଯିବ। ସାଂସ୍କୃତିକ ସନ୍ଧ୍ୟାରେ ମନୋରଞ୍ଜନ କରିବେ କଳାକାର।

**-ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ, ଫଟୋ: ବିକାଶ ନାୟକ**


ମାର୍କେଟ ବିଲ୍ଡିଂ



## ପ୍ରସ୍ତୁତ ହେଲେଣି ମିଠା, ପିଠା ଦୋକାନୀ

ପିଠା ଓଡ଼ିଆଙ୍କ ମନର ଆବେଗ। ପିଠାର ସ୍ୱତନ୍ତ୍ରତା ନିଆରା। ରଜ ଆସିଲେ ପିଠା କଥା ମନକୁ ଆଗ ଆସେ। ଏଥିସହ ରଜରେ ମିଠାର ଚାହିଦା ମଧ୍ୟ ବଢ଼ିଯାଏ। ସେଥିପାଇଁ ରାଜଧାନୀ ରାସ୍ତାରେ ଛୋଟଠୁ ବଡ଼ ମିଠା ଓ ପିଠା ଦୋକାନୀ ଗ୍ରାହକଙ୍କୁ ଆକର୍ଷିତ କଲାଭଳି ରଜ ପିଠା ଓ ମିଠା ପ୍ରସ୍ତୁତି ପାଇଁ ଲାଗିପଡିଲେଣି। ଏପରିକି ରଜରେ ପିଠା ଖାଇବା ପାଇଁ ଆଗୁଆ ବରାଦ ଆସିଲାଣି ପିଠା ଦୋକାନୀଙ୍କୁ। ପୋଡ଼ପିଠା, କ୍ଷୀର ପୋଡ଼ପିଠା, କାକରା, ଛଣା ମଣ୍ଡା, ଚକୁଳି, ଚନ୍ଦ୍ରକାନ୍ତି, ମଣ୍ଡା, ଏଣ୍ଡୁରି ସହ ନୂଆ ଭେରାଇଟି ପିଠା ତିଆରି ପାଇଁ ଦୋକାନୀମାନେ ପ୍ରସ୍ତୁତ ହେଉଥିବା ଜଣାପଡିଛି।





## ଦୋଳି ଖେଳ ପ୍ରତି ଆଗ୍ରହ କମୁଛି

ରଜ କହିଲେ ଦୋଳି ଖେଳକୁ ବୁଝାଏ। ମାତ୍ର ଏବେ ବୃକ୍ଷ ଯେଉଁଭଳି ଭାବେ କଟା ଯାଉଛି ଦୋଳି ଖେଳିବା ପାଇଁ ବଡ଼ ବଡ଼ ଗଛ ରହୁନାହିଁ। ସେ ଦୋଳିର ସ୍ଥାନ ଏବେ ପ୍ଲାଷ୍ଟିକ ଦୋଳି ନେଉଛି। କିଛି କିଛି ସ୍ଥାନରେ ପଟା ଦୋଳି ଲଗାଯାଇ ତାହାକୁ ଫୁଲ ଦ୍ୱାରା ଆକର୍ଷିତ ଢଙ୍ଗରେ ସଜାଯାଉଛି। ମାତ୍ର ସମୟ ବଦଳିବା ସହ ପୂର୍ବର ଦୋଳି ଖେଳର ମଜା ଆଉ ଆଗ ଭଳି ନାହିଁ। ସେହିଭଳି ଖାଲି ଦୋଳିରେ ବସି ଫଟୋ ପାଇଁ ଆଗଭର ହେଉଛନ୍ତି ଆଜିର ପିଢ଼ି। ଦୋଳିରେ ଟିକେ ବସିବା ପାଇଁ ହେଉଥିବା ଝଗଡ଼ାର ମଜା ବିଆ ଆଜି ଆଉ ନାହିଁ।

## ସରୁନି ଶପିଂ, ବଢୁଛି ଭିଡ଼

ରଜ ପାଇଁ ଏବେ ଲୋକେ କିଣାକିଣିରେ ଲାଗି ପଡିଛନ୍ତି। ଏଥିପାଇଁ ବଜାରରେ ସକାଳୁ ରାତି ଯାଏ ଅସମ୍ଭାଳ ଭିଡ଼ ହେଉଛି। ଭିଡ଼ ଭିତରେ କିଣାକିଣି କରିବା କଷ୍ଟକର ହେଉଥିଲେ ମଧ୍ୟ ନିଆରା ଆନନ୍ଦ ମିଳୁଛି। ଏପରିକି ବହୁ ଲୋକ ମନ ପସନ୍ଦିଆ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ବାରମ୍ବାର ବଜାରକୁ ଯାଉଥିବା ଦେଖିବାକୁ ମିଳୁଛି। ଦିନ ସରୁଥିଲେ ମଧ୍ୟ ଶପିଂ ସରୁନି। ମାର୍କେଟ ବିଲ୍ଡିଂଠୁ ନେଇ ଶପିଂ ମଲ୍ ପର୍ଯ୍ୟନ୍ତ ସବୁଠି ଭିଡ଼ ଜମୁଛି। ପ୍ରାୟ ସବୁଠି ରଜ ପାଇଁ ଭଲ ରିହାତି ରହିଛି।

## ଏଥର ପ୍ରେକ୍ଷାଳୟରେ ଓଲିଉଡ୍ ରାଜ୍

# ପାବାର୍, କୁହୁଡ଼ି ଓ ଚନ୍ଦ୍ରବଂଶୀ ଲଢ଼େଇ










ରଜ ସମୟରେ ପିଠା, ମିଠା ଖାଇବା ସହ ସିନେମା ଦେଖିବାର ମଜା ଟିକେ ନିଆରା। ଏହି ସମୟରେ ପ୍ରାୟତଃ ବଡ଼ ବଡ଼ ଷ୍ଟାରଙ୍କ ଚଳଚ୍ଚିତ୍ର ପ୍ରେକ୍ଷାଳୟକୁ ଆସିଥାଏ। ଏଥର ମଧ୍ୟ ଓଲିଉଡ୍‌ର ସୁପରଷ୍ଟାରଙ୍କ ମୁଭି ପ୍ରେକ୍ଷାଳୟରେ ଲାଗିବା ଆରମ୍ଭ ହୋଇଗଲାଣି। ଆସନ୍ତା ୧୨ ତାରିଖରେ ପ୍ରେକ୍ଷାଳୟକୁ ବାବୁଶାନ୍ ମହାନ୍ତିଙ୍କ ଅଭିନୀତ ଫିଲ୍ମ 'ପାବାର୍' ଆସିବ। ବାବୁଶାନ ଫିଲ୍ମସ୍ ଏବଂ ଆମର ଷ୍ଟୁଡିଓଜ୍ ନିବେଦିତ ପାବାର୍‌ରେ ବାବୁଶାନଙ୍କ ବିପକ୍ଷରେ ନାୟିକା ଏଲିନା ରହିଛନ୍ତି। ସାଙ୍ଗରେ କ୍ରିଷ୍ଣା କର, ରବି ମିଶ୍ର, ଚୌଧୁରୀ ଜୟପ୍ରକାଶ ଦାସ ରହିଛନ୍ତି। ଅଶୋକ ପତି ନିର୍ଦ୍ଦେଶନା ଦେଇଥିବାବେଳେ ବାବୁଶାନଙ୍କ ସ୍ତ୍ରୀ ତୃପ୍ତି ଶତପଥୀ ପ୍ରଯୋଜିକା ଅଛନ୍ତି। ମାର୍କେଟରେ ଏବେ 'ପାବାର୍' ଚଳଚ୍ଚିତ୍ରର ଆଇଟମ୍ ସଙ୍ଗ ଲାଲ୍ ଟହ ଟହ... ଟ୍ରେଣ୍ଡିଙ୍ଗ ଧରିଛି। ଓଡ଼ିଶାର ଏକ ଛୋଟ ଅଞ୍ଚଳରୁ ବେଣୁଧର କାଣ୍ଡି କିଭଳି ପରିସ୍ଥିତିରେ ପଡ଼ି ରାଜନୀତିରେ ନିଜର ପାବାର୍ ଦେଖାଇଛନ୍ତି, ତାହା ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ରଜରେ ଫ୍ୟାନ୍‌ସମାନଙ୍କୁ ଏଥର ଏକ ସୁନ୍ଦର ଚଳଚ୍ଚିତ୍ର ଭେଟିଦେବେ ଅନ୍ୟତମ ଷ୍ଟାର୍ ଅନୁଭବ। ଅନୁଭବଙ୍କ ଅଭିନୀତ 'କୁହୁଡ଼ି' ଚଳଚ୍ଚିତ୍ର ପହିଲି ରଜରେ ପ୍ରାକ୍ଷାଳୟକୁ ଆସିବ। ସେ ଏକ ଆଡଭୋକେଟ୍ ଚରିତ୍ରରେ ଚଳଚ୍ଚିତ୍ରରେ ନଜର ଆସିଛନ୍ତି। ପ୍ରକୃତି ମିଶ୍ର, ସୁପ୍ରିୟା ନାୟକ, ଶକ୍ତି ବରାଳ, ଦୀପନ୍ୱିତ ଦାଶମହାପାତ୍ର, କୁନା ତ୍ରିପାଠୀ, ସୁକୁମାର ଟୁଡୁ, ସୁଶୀଲ ମିଶ୍ର ଭଳି ଅନେକ କଳାକାର ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିବେ। ପାରିବାରିକ କହଳ ପାଇଁ କଇଭଳି ଛୋଟ ପିଲାମାନେ ଅନେକ ଅସୁବିଧାର ସମ୍ମୁଖୀନ କରନ୍ତି ତାହା ଏହି ଚଳଚ୍ଚିତ୍ରରେ ମାଧ୍ୟମରେ ଦେଖିବାକୁ ଦର୍ଶକ ପାଇବେ। ସବୁ ବର୍ଗର ଦର୍ଶକ ଏହି ସିନେମାକୁ ଦେଖିପାରିବେ। ଏହାର ପ୍ରଯୋଜକ ହିମାଦ୍ରୀ ତନୟା ଦାସ ରହିଥିବାବେଳେ ନିର୍ଦ୍ଦେଶକ ଅଜୟ ପାଢ଼ୀ ରହିଛନ୍ତି। ସେହିପରି ପହିଲି ରଜରେ ଓଲିଉଡର ଜଣାଶୁଣା ଚେହାରଙ୍କୁ ନେଇ ରିଲିଜ ହେଉଛି ଚଳଚ୍ଚିତ୍ର 'ଚନ୍ଦ୍ରବଂଶୀ'। ପ୍ରୀତମ ସାହୁଙ୍କ ପ୍ରଯୋଜିତ ଏବଂ ଅନାମିସ୍ ପ୍ରଡକ୍ସନ ନିବେଦିତ ଏହା ହେଉଛି ଚତୁର୍ଥ ସିନେମା। ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଶ୍ରୀତମ ଦାସ, ଆକାଶ ଦାସନାୟକ, ଉଷସୀ ମିଶ୍ର, ରାଜ ରାଜେଶ, ପୁନମ୍ ମିଶ୍ର, ଜସ୍ମିନ୍ ରଥ, ଲିପ୍ସା, ଶକ୍ତି ବରାଳ, ସମରେଶ, ଦୈତାରୀ ପଣ୍ଡା, ପିୟୁଷ ତ୍ରିପାଠୀ ଭଳି ଅନେକ କଳାକାରଙ୍କୁ ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ଯଶ୍ ବର୍ମ ପଣ୍ଡା ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ପାଞ୍ଚ ଭାଇ ଅଲଗା ହୋଇ ରହିଥିବା ବେଳେ କିଭଳି ବାପାଙ୍କ ମୃତ୍ୟୁ ପରେ ସମସ୍ତେ ଏକତ୍ରିତ ହୋଇଛନ୍ତି, ତାହା ଏହି ଚଳଚ୍ଚିତ୍ର ମାଧ୍ୟମରେ ଦେଖିବାକୁ ମିଳିବ। ରଜରେ ରିଲିଜ ହେଉଥିବା ଏହି ୩ଟି ଚଳଚ୍ଚିତ୍ର ସମସ୍ତ ବର୍ଗଙ୍କୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ତେବେ ଦେଖିବାକୁ ଅପେକ୍ଷା ରହିଲା ପ୍ରେକ୍ଷାଳୟର ଏ ଲଢ଼େଇରେ କିଏ ବାଜିମାତ କରୁଛି।

## ସ୍କୁଟି ଉପରେ ଚଢ଼ିଗଲା ହାଇୱା: ଜଣେ ମୃତ


ଦୁର୍ଘଟଣାସ୍ଥଳରେ ଉପସ୍ଥିତ ଲୋକଙ୍କ ସହ ପୋଲିସ ଆଲୋଚନା କରୁଛି।

**ବାଙ୍କୀ, ୧୦।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର )**

ବାଙ୍କୀ-ଖୋର୍ଦ୍ଧା ରାସ୍ତାର ନଦୀକୁଣ୍ଡା ପୋଲଠାରେ ଏକ ସ୍କୁଟି ଉପରେ ବାଲି ବୋଝେଇ ହାଇୱା ଚଢ଼ିଯାଇଛି। ଫଳରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ହରିରାଜପୁରର ବ୍ରହ୍ମାନନ୍ଦ ପିରୋଇ। ଗୁରୁତର ଜଣକ ହେଲେ ଶିଶୁଆ ଗ୍ରାମର ଗଦାଧର ପରିଡା। ପୋଲିସ ସୂଚନା ଅନୁଯାୟୀ, ଗଦାଧର ଓ ବ୍ରହ୍ମାନନ୍ଦ ସ୍କୁଟିରେ ରଗଡି ଅଭିମୁଖେ ଯାଉଥିଲେ। ଏହି ସମୟରେ ନଦୀକୁଣ୍ଡା ପୋଲଠାରେ ଏକ ବାଲି ବୋଝେଇ ହାଇୱା ସ୍କୁଟିକୁ ଧକ୍କାଦେଇ ତା'ଉପରେ ଚଢ଼ିଯାଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବାଙ୍କୀ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ସେଠାରେ ବ୍ରହ୍ମାନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ବେଧଡକ ଭାବେ ବାଲି ବୋଝେଇ ଗାଡି ବାଙ୍କୀ ସହର ଦେଇ ଜନଗହଳି ରାସ୍ତାରେ ଯାତୟାତ କରୁଥିବାରୁ ଏଭଳି ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଥିରେ ରୋକ ଲଗାଇବା ପାଇଁ ସେମାନେ ପ୍ରଶାସନ ଓ ପୋଲିସ ନିକଟରେ ଦାବି କରିଛନ୍ତି।

## ବିଶ୍ୱହିନ୍ଦୁ ପରିଷଦ ଦୁର୍ଗା ବାହିନୀର ଶୌର୍ଯ୍ୟ ପ୍ରଶିକ୍ଷଣ ବର୍ଗ ଉଦ୍‌ଯାପିତ

**ସାଲେପୁର, ୧୦।୬(ଅରବିନ୍ଦ ଭୂୟାଁ ):**

ସାଲେପୁରରେ ଅନୁଷ୍ଠିତ ବିଶ୍ୱହିନ୍ଦୁ ପରିଷଦ ଦୁର୍ଗାବାହିନୀର ପ୍ରାଦେଶିକ ଶୌର୍ଯ୍ୟ ପ୍ରଶିକ୍ଷଣ ବର୍ଗ ପ୍ରାତଃ ସଂଯୋଜିକା ସିପ୍ରା ରାଉତଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମେଜର ମଞ୍ଜୁଶ୍ରୀ ପତି ଯୋଗଦେଇ ଆମ ଦେଶର ମାତୃଶକ୍ତି ରାଷ୍ଟ୍ରଶକ୍ତିରେ ପରିଣତ ହୋଇପାରିଲେ ଆମ ଦେଶ ସମର୍ଥ ଭାରତରେ ପରିଣତ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଦୁର୍ଗାବାହିନୀର ରାଷ୍ଟ୍ରୀୟ ସଂଯୋଜିକା ପ୍ରଜ୍ଞାପରମିତା ମାହାଲ, ସମ୍ମାନିତ ଅତିଥିଭାବେ କେନ୍ଦ୍ରୀୟ ସହ ସଙ୍ଗଠନ ମନ୍ତ୍ରୀ ଡ. ବସନ୍ତ ରଥ, ବିଭାଗ ସଂଘ ଚାଳକ ଡ. ଗୌତମ ମହାରଣା, ପର୍ଯ୍ୟାବରଣ ପ୍ରମୁଖ ବଳରାମ ଦାଶ, ଝରଣା ଜେନା, ନିର୍ମଳା ଦ୍ୱିବେଦୀ, ରାଜ୍ୟ ଉପସଭାପତି ପ୍ରଶାନ୍ତ କୁମାର ପଣ୍ଡା, ବର୍ଗାଧିକାରୀ ଅମିତା ସାହାଣୀ, ପ୍ରାତଃ ଗୋରକ୍ଷା ପ୍ରମୁଖ ପବିତ୍ର ମୋହନ ଦାଶ ପ୍ରମୁଖ ଯୋଗଦେଇଥିଲେ। ପ୍ରଶିକ୍ଷଣ ବର୍ଗର ଶିକ୍ଷାର୍ଥୀମାନେ ବିଭିନ୍ନ କଳା, କୌଶଳ ପ୍ରଦର୍ଶନ କରିଥିବାବେଳେ ଏକ ଭବ୍ୟ ପଥ ସଞ୍ଚାଳନ ନଗର ପରିକ୍ରମା କରିଥିଲା। ସାରା ରାଜ୍ୟରୁ ୧୫୦ଜଣ ଶିକ୍ଷାର୍ଥୀ ଯୋଗଦେଇଥିବାବେଳେ ଜିଲା ସଭାପତି ମାନସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ଆଚାର୍ଯ୍ୟାଆଚାର୍ଯ୍ୟଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ



**ସାଲେପୁର, ୧୦।୬(ଅରବିନ୍ଦ ଭୂୟାଁ)**

ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାକ୍ତନ ଆଚାର୍ଯ୍ୟା ଆଚାର୍ଯ୍ୟଙ୍କ ବାର୍ଷିକ ବନ୍ଧୁମିଳନ ରୋଧପୁର ଶାରଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପରିଷଦର ସମ୍ପାଦକ ନିରଞ୍ଜନ ନାୟକ, ଆବାହକ ଆଚାର୍ଯ୍ୟ ପ୍ରଦୀପ୍ତ କୁମାର କାଣ୍ଡି, ସହ ସମ୍ପାଦକ ରାମଚନ୍ଦ୍ର ସାହୁ, ଆଚାର୍ଯ୍ୟ ଅନନ୍ତ ଚରଣ ବାରିକ, ଦୀପକ କୁମାର ରାଉତରାୟ, ରମେଶ ଚନ୍ଦ୍ର ପ୍ରତାପ, ସୁବାସ ଚନ୍ଦ୍ର ସାହୁ, ରମାକାନ୍ତ ପରିଡ଼ା, ଅନନ୍ତ ଚରଣ ଦାଶ, ଆଚାର୍ଯ୍ୟ ଦୂରଦର୍ଶିନୀ ମହାନ୍ତି, ଶୁଭଲକ୍ଷ୍ମୀ ଓଝା ପ୍ରମୁଖଯୋଗଦେଇ ନିଜ ନିଜର ଅତୀତ ଅନୁଭୂତି ବର୍ଣ୍ଣନା କରିଥିଲେ।

## ମହାଦେବଙ୍କ ସହ ମା' ପାର୍ବତୀଙ୍କ ବିବାହ ସମ୍ପନ୍ନ

**ଟିଗିରିଆ, ୧୦।୬(ଜାଫର ଖାଁ )**

ଶୀତଳଷଷ୍ଠୀ ଉପଲକ୍ଷେ ସୋମବାର ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ମହାଦେବ ରାମେଶ୍ୱରଙ୍କ ସହ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ରାମେଶ୍ୱର ସେବା ସଂଘ ତରଫରୁ ମନ୍ଦିର ପରିସରରୁ ମହାଦେବଙ୍କ ବରଯାତ୍ରୀ ଦଳ ବିରାଟ ପଟୁଆରରେ ନେଇ ବାଜା, ବାଣ, ରୋଶଣି କରି ନୂଆପାଟଣା ଅନ୍ତର୍ଗତ ସୁରେନ୍ଦ୍ରପାଟଣାସ୍ଥିତ କନ୍ୟା ପକ୍ଷ ତ୍ରିନାଥ ନନ୍ଦୀ ଓ ଜୋସ୍ନା ନନ୍ଦୀଙ୍କ ଘରେ ପହଞ୍ଚିଥିଲେ। ସେଠାରେ ବିବାହ ପରେ ପ୍ରସାଦ ସେବନ କରି ଦେବଦମ୍ପତି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଟିଗିରିଆ ପୋଲିସ ଓ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।


ରାମେଶ୍ୱର ମହାଦେବଙ୍କୁ ବିବାହ ଶୋଭାଯାତ୍ରାରେ ନିଆଯାଉଛି।

## ଟିକସ ହସ୍ତାନ୍ତର ବାବଦରେ ଓଡ଼ିଶାକୁ ୬୩୨୭ କୋଟି

**ଭୁବନେଶ୍ୱର, ୧୦।୬(ଅନୁରାଧା ମହାରଣା)**

କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଟିକସ ହସ୍ତାନ୍ତର କିସ୍ତି ବାବଦକୁ ଚଳିତ ମାସରେ ମୋଟ ୧,୩୯, ୭୫୦ କୋଟି ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଜୁନ୍ ମାସର ନିୟମିତ ବିତରଣ ରାଶି ପ୍ରଦାନ ସହ ଗୋଟିଏ ଅତିରିକ୍ତ କିସ୍ତି ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟ ସରକାରମାନେ ବିକାଶ ଓ ପୁଞ୍ଜି ବ୍ୟୟକୁ ତ୍ୱରାନ୍ୱିତ କରିପାରିବେ। ଟିକସ ହସ୍ତାନ୍ତର ବାବଦରେ ଓଡ଼ିଶାକୁ ୬୩୨୭ କୋଟି ୯୨ ଲକ୍ଷ ଟଙ୍କା ମିଳିବ। ୨୦୨୪-୨୫ ଅନ୍ତରୀଣ ବଜେଟରେ ରାଜ୍ୟଗୁଡ଼ିକୁ ଟିକସ ହସ୍ତାନ୍ତର ବାବଦରେ ୧୨,୧୯, ୭୮୩ କୋଟି ଟଙ୍କା ପ୍ରଦାନ କରିବା ଲାଗି ବ୍ୟବସ୍ଥା କରାଯାଇଛି। ଜୁନ୍ ୧୦ ସୁଦ୍ଧା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋଟ୍ ୨,୭୯,୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଶୀତଳଷଷ୍ଠୀରେ ଶିବପାର୍ବତୀ ବିବାହ


ସିଦ୍ଧ ହରିହର ମନ୍ଦିରରେ ଶିବପାର୍ବତୀଙ୍କ ବିବାହ ଉତ୍ସବ ପାଳନ କରାଯାଉଛି।

**ରଘୁନାଥପୁର, ୧୦।୬(ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ ଶୈବ ମନ୍ଦିରରେ ଶିବପାର୍ବତୀ ବିବାହ ଅନୁଷ୍ଠିତ ହୋଇଯାଇଛି। କୋରକୋରା ରୁଦ୍ରେଶ୍ୱର ମହାଦେବ ମନ୍ଦିରରେ ଶିବପାର୍ବତୀ ବିବାହ ମହାଡ଼ମ୍ବରରେ ପାଳିତ ହୋଇଯାଇଛି। ସୁମିତ କୁମାର ମଣ୍ଡଳ, ମୋନାଲିସା ନାୟକ, ପ୍ରଶାନ୍ତ କୁମାର ମହାପାତ୍ର, ସୁଷମା ମହାପାତ୍ର ବର ଓ କନ୍ୟା ତରଫରୁ କର୍ତ୍ତାକର୍ତ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଗୋଠିଣାସ୍ଥିତ ଶ୍ରୀଶ୍ରୀ ହରିହର ସିଦ୍ଧ ରଘୁନାଥ ମନ୍ଦିରରେ ନୃସିଂହ ଚରଣ ସ୍ୱାଇଁ, ରଞ୍ଜୁଲତା ସ୍ୱାଇଁ, ରାଜକିଶୋର ପ୍ରଧାନ ଓ ମୀରା ପ୍ରଧାନ ଏବଂ ବରାଗୋଳ ଈଶାଣେଶ୍ୱର ମନ୍ଦିରରେ ବିଜୟ ସ୍ୱାଇଁ ଓ କଲ୍ୟାଣୀ ସ୍ୱାଇଁ ଏବଂ ରାମଚନ୍ଦ୍ର ଜେନା ଓ ସସ୍ମିତା ଜେନା ବରପିତା ଓ କନ୍ୟାପିତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ତରିକୁନ୍ଦ ଉତ୍ତରେଶ୍ୱର ମନ୍ଦିର ଓ ସାଦେଇପୁର ଭଦ୍ରେଶ୍ୱର ମନ୍ଦିରରେ ଅନୁରୂପ ଭାବେ ଜାକଜମକରେ ଶିବପାର୍ବତୀ ବିବାହ ଅନୁଷ୍ଠିତ ହୋଇଯାଇଛି।

## ମା'ଚର୍ଚ୍ଚିକାଙ୍କ ପୀଠରେ ରଥ ଯାତ୍ରା: ଏଥର ୩ ରଥ ଗଢ଼ିବ

**ବାଙ୍କୀ, ୧୦।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ମା'ଚର୍ଚ୍ଚିକାଙ୍କ ପୀଠରେ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ବିଦ୍ୟାରତ୍ନ ଭବନରେ ଅନୁଷ୍ଠିତ ହୋଇଯାଇଛି। ରଥ କମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର ତତ୍ତ୍ୱାବଧାନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

ଚଳିତ ବର୍ଷ ରଥଯାତ୍ରାରେ ୩ଟି ରଥ ଚାଲିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ରଥ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା କମିଟି ସଦସ୍ୟ।

ଏହି ଅବସରରେ ରଥଯାତ୍ରା କିଭଳି ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବ ସେନେଇ ବ୍ୟାପକ ଆଲୋଚନା ହୋଇଥିଲା। ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ଏବଂ ବାଙ୍କୀ ପ୍ରଶାସନ ସହଯୋଗ କରିବା ପାଇଁ ଲିଖିତ ଭାବେ ଅନୁରୋଧ କରାଯାଇଛି। ପାନୀୟ ଜଳର ବ୍ୟବସ୍ଥା ସହ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ କମିଟିର କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ରଣା, କୋଷାଧ୍ୟକ୍ଷ ବୃନ୍ଦାବନ ପ୍ରଧାନ, ସମ୍ପାଦକ ଯୁଗୋଳ କିଶୋର ଭୂତ, ବିବେକାନନ୍ଦ ସାମଲ, ସନାତନ ବେହେରା, ପଠାଣୀ ବେହେରା, ସଞ୍ଜୟ ପୃଷ୍ଟି, ଦେବରାଜ ରଣା, ପ୍ରଶାନ୍ତ ମହାପାତ୍ର, ଆଇନଜୀବୀ ପ୍ରଦୀପ ପୃଷ୍ଟି, ଶ୍ରୀବତ୍ସ ନାୟକ, କାଶିନାଥ ସେଠୀ, ଶଶାଙ୍କ ଶେଖର ସ୍ୱାଇଁ, ବଲ୍ଲଭ କୁମାର ସାମଲ, ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଶତବାର୍ଷିକ ଉଦ୍‌ଯାପନୀ ଦିବସ ପାଇଁ ପ୍ରସ୍ତୁତି

**ବାଙ୍କୀ, ୧୦।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର )**

ବାଙ୍କୀର ଶତାୟୁ ହାଇସ୍କୁଲ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଶତବାର୍ଷିକ ଉଦ୍‌ଯାପନୀ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶତବାର୍ଷିକ କମିଟି ସଭାପତି ଭବାନୀ ପ୍ରସାଦ ପଣ୍ଡିତ ସଭାପତିତ୍ୱ କରିଥିଲେ। ଏହି ଉତ୍ସବ ସେପ୍ଟମ୍ବର ସୁଦ୍ଧା ହେବ ବୋଲି ସ୍ଥିର ହୋଇଥିଲା। ବୈଠକରେ କୃତିବାସ ପଣ୍ଡା, ଶ୍ରୀନିବାସ ବେହେରା, ମନୋଜ ମହାପାତ୍ର, ନଗେନ୍ଦ୍ର ମହାପାତ୍ର, ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଟିକସ ହସ୍ତାନ୍ତର ବାବଦରେ ଓଡ଼ିଶାକୁ ୬୩୨୭ କୋଟି

ଭୁବନେଶ୍ୱର, ୧୦।୬ (ଅନୁରାଧା ମହାରଣା)

କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଟିକସ ହସ୍ତାନ୍ତର କିସ୍ତି ବାବଦକୁ ଚଳିତ ମାସରେ ମୋଟ ୧,୩୯, ୭୫୦ କୋଟି ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଜୁନ୍ ମାସର ନିୟମିତ ବିତରଣ ରାଶି ପ୍ରଦାନ ସହ ଗୋଟିଏ ଅତିରିକ୍ତ କିସ୍ତି ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟ ସରକାରମାନେ ବିକାଶ ଓ ପୁଞ୍ଜି ବ୍ୟୟକୁ ତ୍ୱରାନ୍ୱିତ କରିପାରିବେ। ଟିକସ ହସ୍ତାନ୍ତର ବାବଦରେ ଓଡ଼ିଶାକୁ ୬୩୨୭ କୋଟି ୯୨ ଲକ୍ଷ ଟଙ୍କା ମିଳିବ। ୨୦୨୪-୨୫ ଅନ୍ତରୀଣ ବଜେଟରେ ରାଜ୍ୟଗୁଡ଼ିକୁ ଟିକସ ହସ୍ତାନ୍ତର ବାବଦରେ ୧୨,୧୯, ୭୮୩ କୋଟି ଟଙ୍କା ପ୍ରଦାନ କରିବା ଲାଗି ବ୍ୟବସ୍ଥା କରାଯାଇଛି। ଜୁନ୍ ୧୦ ସୁଦ୍ଧା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋଟ୍ ୨,୭୯,୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ବିବାହ ଭୋଜିରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଗୋପ, ୧୦।୬ (ଭାରତୀଭୂଷଣଉପାଧ୍ୟାୟ)

ଏକ ବିବାହ ଭୋଜିରେ ଜଣେ ଯୁବକଙ୍କୁ ପୂର୍ବ ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ କରାଯାଇଛି। ଯୁବକଙ୍କୁ କଟୁରୀରେ ଆକ୍ରମଣ କରାଯାଇଥିବା ବେଳେ ତାଙ୍କ ଡାହାଣ ପଟ କାନ ନିକଟରେ ବଡ଼ କ୍ଷତ ସୃଷ୍ଟି ହୋଇଛି। ଅଭିଯୁକ୍ତ ଆକ୍ରମଣକାରୀ ଫେରାର ଥିବାବେଳେ ଗୁରୁତର ହୋଇଥିବା ଯୁବକ ଜଣକ ଚିକିତ୍ସାଧୀନ ଅଛନ୍ତି। ଅଭିଯୋଗକୁ ନେଇ ପୋଲିସ ଏକ କେସ୍ (ନଂ. ୧୮୮/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଗୋପ ଥାନା ଅନ୍ତର୍ଗତ ଭଇରିପୁର ଗ୍ରାମରେ ଏକ ବିବାହ ଭୋଜି ହେଉଥିଲା। ଏହି ଭୋଜିରେ ବାଲିକନ୍ଦଳ ଗ୍ରାମର ଅନିଲ ମଲ୍ଲିକ (୩୨) ରାତ୍ର ପ୍ରାୟ ୧୨ଟା ବେଳେ ପହଞ୍ଚିଥିଲେ। ସେ ଭୋଜି ଖାଉଥିବାବେଳେ ପୂର୍ବ ବିବାଦକୁ ନେଇ ବେଦପୁର ଗ୍ରାମର ସୁଜିତ ମଲ୍ଲିକ ନାମକ ଯୁବକ ଏକ କଟୁରୀରେ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଅନିଲ୍ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବାବେଳେ ଅଭିଯୁକ୍ତ ସୁଜିତ ଫେରାର ହୋଇଯାଇଥିଲେ। ପରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଅନିଲ୍‌ଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ତଦନ୍ତ ଜାରି ରହିଛି, ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ବିନ୍ଦୁବାସିନୀ ସେଠୀ କହିଛନ୍ତି। ଏହି ଘଟଣାକୁ ନେଇ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି।

### ତିନି ରଥର ୪୨ ଚକ ନିର୍ମାଣ ସରିଲା

ପୁରୀ, ୧୦।୬ (ଅଜିତ୍ ମହାନ୍ତି)

ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ପରମ୍ପରା ଅନୁଯାୟୀ ଶୀତଳ ଷଷ୍ଠୀ ପରେ ତିନିରଥର ସମସ୍ତ ୪୨ଟି ଚକ ସହ ୨୧ଟି ଅଖ ସଂଯୋଗ କରାଯିବ। ତେଣୁ ତିନିରଥର ଶେଷ ତିନି ଚକ ନିର୍ମାଣ ସରି ପାଞ୍ଚଦଣ୍ଡା ଚଉପଟ କାର୍ଯ୍ୟ ଜାରି ରହିଛି। ତିନି ଭୂଇଁ ପାଇଁ ୧୨ଟି ଲେଖାଏ ଚଉପଟ ଭୂଇଁ ଚଉତା କାଠରେ ପାଖୁଡ଼ା ବିନ୍ଧ ଆରମ୍ଭ ହୋଇଛି। ସେହିପରି ତିନିରଥର ଦୁଇଟି ଲେଖାଏ ଗରଗରା କାଠର ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନନ୍ଦିଘୋଷ ରଥ ପୋଲ ଗୟଳ ଉଭୟ ପାର୍ଶ୍ୱ ସମତଳ ପରେ ଚିରଟ କାର୍ଯ୍ୟ ଆରମ୍ଭ ହୋଇଛି। ଚାରିନାହାକା ନିର୍ମାଣ ପାଇଁ ରଥ ଅମିନ ଭୋଇ ସେବକଙ୍କ ସହାୟତାରେ ରଥ ଚାଳିକୁ ପ୍ରଥମ ଦଫାରେ ଦୁଇଟି ଲେଖାଏ ୨୦ ଫୁଟିଆ ଧଉରା କାଠ ଯୋଗାଇଲେ। ତେବେ ତିନିରଥର ନିର୍ମାଣ କାର୍ଯ୍ୟ ସମାନ୍ତରାଳ ଭାବେ ଆଗେଇ ଆଗେଇ ଚାଲିଛି। ମହାରଣା ସେବକମାନେ ଭୋଇ ସେବକଙ୍କ ସହଯୋଗରେ ବାକି ଥିବା ୩ ଚକ ନିର୍ମାଣ ଶେଷ ପରେ ତିନିରଥର ମୋଟ ୪୨ଟି ଚକ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ମହାରଣା ସେବକମାନେ ୧୨ଟି ଲେଖାଏ ଚଉପଟ ଭୂଇଁ ଚଉତାରେ ପାଖୁଡ଼ା ବିନ୍ଧ କାର୍ଯ୍ୟ ଆରମ୍ଭ କରିଛନ୍ତି। ପ୍ରତି ଭୂଇଁରେ ଚାରୋଟି ଲେଖାଏ ପାଖୁଡ଼ା ବିନ୍ଧ ଏବଂ ଦୁଇଟି ଲେଖାଏ ଖମ୍ବୀ ସଂଯୋଗ ବିନ୍ଧ ହୋଇ ୧୨ ଚଉତାରେ ୭୨ ବିନ୍ଧ କାର୍ଯ୍ୟ ଜାରି ରଖିଛନ୍ତି। ଏଥିସହ ତିନିରଥର ଦୁଇଟି ଲେଖାଏ ଗରଗରା କାଠର ଚଉପଟ କାର୍ଯ୍ୟ ଜାରି ରହିଛି।





ଶିବ ବିବାହ ଉତ୍ସବ ଅବସରରେ ସୋମବାର ରାତିରେ ଖୋର୍ଦ୍ଧାର ଚନ୍ଦ୍ରଶେଖର ଦେବ ଏବଂ ଯାଁଳାର ବାଲୁଙ୍କେଶ୍ୱର ଦେବ ଶୋଭାଯାତ୍ରାରେ ଯାଉଛନ୍ତି।

# ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ

ଯାଁଳା, ୧୦।୬ (ବୁଲା ବାରିକ)

ଜଟଣୀ ବ୍ଲକ ଯାଁଳା ଗ୍ରାମରେ ଦେବ ଦମ୍ପତିଙ୍କ ବିବାହ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ରବିବାର ବାଲୁଙ୍କେଶ୍ୱର ଦେବ ଓ ମା'ପାର୍ବତୀଙ୍କ ମଙ୍ଗନ କାର୍ଯ୍ୟ ସମାପନ ହୋଇଥିଲା। ସୋମବାର ସନ୍ଧ୍ୟାରେ ବାଲୁଙ୍କେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ବସାଇ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇଥିଲା। ବରପିତା ଭାବେ ଅଶ୍ୱିନୀ କୁମାର ଜଗଦ୍ଦେବ ବରଯାତ୍ରୀ ଓ ବାବା ବାଲୁଙ୍କେଶ୍ୱରଙ୍କ ବିଶାଳ ପଟୁଆର ଧରି କନ୍ୟା ଘର ଅଭିମୁଖେ ଯାଇଥିଲେ। ବୈଦିକ ରୀତିରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିଲା। କୃଷ୍ଣ ଚନ୍ଦ୍ର ଦାସ କନ୍ୟାଦାନ କରିଥିଲେ। ମଙ୍ଗଳବାର ଦେବ ଦମ୍ପତି ମନ୍ଦିର ପ୍ରବେଶ କରିବେ। ସେହିଭଳି ମୁଣ୍ଡମୁହାଣ ଗ୍ରାମେଶ୍ୱର ଦେବ, ନଁପୁଟ ନୀଳକଣ୍ଠେଶ୍ୱର ଏବଂ ସୋମନାଥ ଦେବଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ଶୋଭାଯାତ୍ରାରେ ସାମିଲ ହୋଇଥିବା ବରଯାତ୍ରୀ ଏବଂ ଅନ୍ୟମାନେ।

# ପ୍ରାକୃତିକ ଗ୍ୟାସ୍ ବାହାରିବା ଆଶା ମଉଳିଲା

## ଖନନ ପଥ ରୋକିଲା ବିରାଟ ପଥର

- ୨୨ ଶହ ମିଟର ତଳେ ରହିଗଲା ୨୦ କୋଟିର ଯନ୍ତ୍ରାଂଶ
- ରୋଜଗାର ନେଇ ଗୋପ ଅଞ୍ଚଳର ଯୁବତୀ ଯୁବକ ନିରାଶ

ଗୋପ, ୧୦।୬ (ଭାରତୀ ଭୂଷଣ ଉପାଧ୍ୟାୟ)

ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ଚିତ୍ରା ଗ୍ରାମ ନିକଟରେ ଗତ ଦୁଇବର୍ଷ ଧରି ଅଏଲ୍ ଇଣ୍ଡିଆ କମ୍ପାନୀ ପକ୍ଷରୁ ପ୍ରାକୃତିକ ଗ୍ୟାସ୍ ସହ ତୈଳ ବାହାରିବା ନେଇ କାର୍ଯ୍ୟ ଚାଲିଥିଲା। ତେବେ କୌଣସି କାରଣରୁ ୨୨ ଶହ ମିଟର ତଳେ ୨୦ କୋଟି ଟଙ୍କାର ରିଙ୍ଗ୍ ମେଶିନ୍ ରହିଯିବାରୁ ପ୍ରାକୃତିକ ଗ୍ୟାସ ଓ ତୈଳ ବାହାରିବା ନେଇ ଆଶା ମଉଳିଗଲା। ଫଳରେ ଅଏଲ୍ ଇଣ୍ଡିଆ କମ୍ପାନୀ ନିରାଶ ହୋଇ ଯନ୍ତ୍ରାଂଶ ନେଇ ଏଠାରୁ ଚାଲିଯିବାକୁ ବସିଛି।

ସୂଚନା ଅନୁଯାୟୀ, ୨୦୦୭-୦୮ ମସିହାରେ ଅଏଲ୍ ଇଣ୍ଡିଆ କମ୍ପାନୀ ପକ୍ଷରୁ ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରାକୃତିକ ଗ୍ୟାସ ସହ ତୈଳ ଲାଗି ଖନନ କରାଯାଇଥିଲା। ଗୋପ, ମହଲପଡ଼ା ପଞ୍ଚାୟତର ଚିତ୍ରା ଗ୍ରାମ ନିକଟରେ ପର୍ଯ୍ୟାପ୍ତ ପରିମାଣର ପ୍ରାକୃତିକ ଗ୍ୟାସ ଓ ତୈଳ ଥିବା ଜଣାପଡ଼ିଥିଲା। ପ୍ରଥମେ ଗୋପରେ କମ୍ପାନୀ ପକ୍ଷରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବିଭିନ୍ନ ଅତ୍ୟାଧୁନିକ ମେଶିନ୍ ଦ୍ୱାରା ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୋଟିଏ ବର୍ଷ ପରେ ସମ୍ପୃକ୍ତ ସ୍ଥାନର ମାଟି ତଳେ ଏକ ବିରାଟକାୟ ପଥର ଥିବା ଜଣାପଡ଼ିବାରୁ ଖନନ ବନ୍ଦ କରାଯାଇ ମେଶିନଗୁଡ଼ିକୁ ମହଲପଡ଼ା ପଞ୍ଚାୟତର ଚିତ୍ରା ଗ୍ରାମକୁ ନିଆଯାଇଥିଲା। ସେଠାରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୁଇବର୍ଷ ଧରି ଖନନ ଚାଲିଥିବାବେଳେ ପର୍ଯ୍ୟାପ୍ତ ପରିମାଣର ପ୍ରାକୃତିକ ଗ୍ୟାସ୍ ରହିଥିବା ଜାଣିବାକୁ ମିଳିଥିଲା। ତେବେ ଖନନ ସମୟରେ ୨୨ଶହ ମିଟର ତଳେ ୨୦ କୋଟି ଟଙ୍କାର ରିଙ୍ଗ୍ ମେଶିନ୍ ଯନ୍ତ୍ରାଂଶ ରହିଯିବାରୁ କାର୍ଯ୍ୟ ବନ୍ଦ ରଖିବାକୁ ପଡ଼ିଛି। ଏବେ ମେଶିନ୍‌ଗୁଡ଼ିକୁ ଚିତ୍ରା ଗ୍ରାମରୁ ସ୍ଥାନାନ୍ତର କରାଯାଉଛି। ଦୁଇଟି ସ୍ଥାନରେ ବିପୁଳ ଅର୍ଥରାଶି ବ୍ୟୟ ପରେ ମଧ୍ୟ ପ୍ରାକୃତିକ ଗ୍ୟାସ ଓ ତୈଳ ବାହାରିବା ସ୍ୱପ୍ନ ମଉଳିଯାଇଛି। ଗୋପ ଅଞ୍ଚଳରେ ଏହି ଖନନ କାର୍ଯ୍ୟକୁ ନେଇ ସ୍ଥାନୀୟ ଯୁବତୀ ଯୁବକମାନେ ବେଶ୍ ଉତ୍ସାହିତ ଥିଲେ। କାରଣ ଏଠାରେ କମ୍ପାନୀ ପକ୍ଷରୁ ସେମାନଙ୍କୁ ରୋଜଗାର ମିଳିବା ସହ ଆତ୍ମନିର୍ଭରଶୀଳ ସାଙ୍ଗକୁ ଅଞ୍ଚଳର ବିକାଶ ହେବା ନେଇ ଆଶା ରହିଥିଲା। ଏବେ କିନ୍ତୁ ସମସ୍ୟା ଯୋଗୁ ନିରାଶଭାବ ପ୍ରକାଶ ପାଇଛି। ଏଥିସହ କମ୍ପାନୀର ପ୍ରୟାସ ଓ ପରିଶ୍ରମ ବ୍ୟର୍ଥ ହୋଇଛି। ଏ ନେଇ ଅଏଲ୍ ଇଣ୍ଡିଆ କମ୍ପାନୀର ଜଣେ ଅଧିକାରୀ କହିଛନ୍ତି, ବହୁ ପରିଶ୍ରମ ଓ ଉଦ୍ୟମ କରାଯାଇଥିଲେ ମଧ୍ୟ ସେହି ସ୍ଥାନରେ ବିରାଟ ପଥର ରହିଥିବାରୁ କାର୍ଯ୍ୟ ଆଗେଇପାରିଲା ନାହିଁ।

# ପାଣ୍ଡିଆନଙ୍କ କ୍ୱାର୍ଟର୍ସ ସମ୍ମୁଖରୁ ହଟିଲା ବ୍ୟାରିକେଡ୍

ଭୁବନେଶ୍ୱର, ୧୦।୬ (ସତ୍ୟଜିତ୍ ରାଉତ)



ସୁରକ୍ଷା ବଳୟରେ ରହିଥିବା ପୂର୍ବତନ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ଭୁବନେଶ୍ୱର ୟୁନିଟ-୬ସ୍ଥିତ ଭିଆଇଆର୍ଡ଼ି କ୍ୱାର୍ଟର୍ସ ସମ୍ମୁଖରୁ ବ୍ୟାରିକେଡ୍‌କୁ ହଟାଇ ଦିଆଯାଇଛି। ସେଠାରେ ମୁତୟନ ହୋଇଥିବା ସୁରକ୍ଷା କର୍ମୀଙ୍କୁ ୨ରୁ ୩ ଦିନ ପୂର୍ବରୁ ଅପସାରଣ କରାଇ ନିଆଯାଇଥିବାବେଳେ ସୋମବାର କମିଶନରେଟ ପୋଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ପାଣ୍ଡିଆନ୍‌ଙ୍କ ପାଇଁ ୨୦୧୮ ଫେବୃଆରୀରୁ ଏହି ସୁରକ୍ଷା ବ୍ୟବସ୍ଥା ଲାଗୁ ହୋଇଥିଲା। ପରବର୍ତ୍ତୀ ସମୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀମାନେ ପାଣ୍ଡିଆନଙ୍କ ବାସଭବନକୁ ଗୋବର ଫୋପାଡ଼ିବା ସହ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ତାଙ୍କ ଘର ସାମ୍ନାରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ଏଥିସହ ସେଠାରେ ପ୍ରାୟ ୩୦ଜଣ ସୁରକ୍ଷା କର୍ମୀ ଡ୍ୟୁଟି ଅନୁଯାୟୀ ଦିନରାତି ଜଗି ରହୁଥିଲେ। ତେବେ ପାଣ୍ଡିଆନଙ୍କଠାରୁ ପୋଲିସ ସୁରକ୍ଷା ହଟାଇ ନିଆଯାଇଥିବାରୁ ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଅବସରପ୍ରାପ୍ତ ଆଇଏଏସ୍ ଅଫିସର ପାଣ୍ଡିଆନ ରାଜ୍ୟ ସରକାରଙ୍କ ୫-ଟି ସଚିବ ଓ ପରେ ଅଧ୍ୟକ୍ଷ ରହିଥିଲେ। ତାଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଥିଲା। ତେବେ ଚାକିରିରୁ ଅବସର ନେଇ ସେ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ସାଧାରଣ ନିର୍ବାଚନରେ ବିଜେଡିର ଖରାପ ପ୍ରଦର୍ଶନ ଫଳରେ ଦଳ ଭିତରୁ ପାଣ୍ଡିଆନଙ୍କୁ ବିରୋଧ ହୋଇଥିଲା। ରବିବାର ପାଣ୍ଡିଆନ ଭିଡିଓ ବାର୍ତ୍ତା ଜାରି କରି କ୍ଷମା ମାଗିବା ସହ ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଥିଲେ।

# 'ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବାକୁ ପଦକ୍ଷେପ ନିଅ'

## ରାଜଭବନରୁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି

ପୁରୀ, ୧୦।୬ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତ୍ୟେକ ଦିନ ରାଜ୍ୟ ଓ ରାଜ୍ୟ ବାହାରୁ ବହୁସଂଖ୍ୟକ ଭକ୍ତ ପୁରୀ ଆସୁଛନ୍ତି। ତେବେ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଭକ୍ତଙ୍କ ପ୍ରବେଶ ଉପରେ ଅନୁମତି ଥିବାବେଳେ ଅନ୍ୟ ତିନି ଦ୍ୱାର ଦେଇ କଟକଣା ରହିଛି। ଫଳରେ ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଭକ୍ତଙ୍କ ନିମନ୍ତେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ ରାଜ୍ୟପାଳ ହସ୍ତକ୍ଷେପ କରନ୍ତୁ ବୋଲି ସାମାଜିକ କର୍ମୀ ଦିଲୀପ ବରାଳ ଗତ ଏପ୍ରିଲ ୧ ଏବଂ ୧୫ ତାରିଖରେ ଚିଠି ମାଧ୍ୟମରେ ନିବେଦନ କରିଥିଲେ। ଏହାକୁ ରାଜ୍ୟପାଳ ଗ୍ରହଣ କରିଥିବା ଜଣାପଡ଼ିଛି। ଏନେଇ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟକୁ ଏକ ଚିଠି ଆସିଛି। ଭକ୍ତଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ଏଥିସହ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଉଛି ସେ ସଂକ୍ରାନ୍ତରେ ଆବେଦନକାରୀ ବରାଳ ଏବଂ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ସୂଚନା ଦେବା ନିମନ୍ତେ ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ସୋମବାର ବରାଳ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ବରାଳ ତାଙ୍କ ପତ୍ରରେ ଦର୍ଶାଇଥିଲେ ଯେ, ଶ୍ରୀମନ୍ଦିର ରାଜ୍ୟ ଆଇନ ବିଭାଗ ଅଧୀନରେ ରହିଛି। ଶ୍ରୀମନ୍ଦିରକୁ ଭକ୍ତମାନେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରୁଛନ୍ତି। ଅନ୍ୟ ତିନିଦ୍ୱାର ଦେଇ ପ୍ରବେଶ ଉପରେ କଟକଣା ରହିଛି। ଶ୍ରୀମନ୍ଦିର ଚାରିଦ୍ୱାର ୪ଟି ମାର୍ଗର ପ୍ରତୀକ। ମାତ୍ର ଚାରିଦ୍ୱାର ଦେଇ ଭକ୍ତଙ୍କୁ ଛଡ଼ାଯାଉନାହିଁ। କେବଳ ସିଂହଦ୍ୱାର ଦେଇ ପ୍ରବେଶ ଅନୁମତି ମିଳୁଛି। ତେଣୁ ଭକ୍ତମାନେ ଠାକୁରଙ୍କ ଦର୍ଶନ ପାଇଁ ବ୍ୟାରିକେଡ୍‌ରେ ଲମ୍ବାଧାଡ଼ିରେ ଠିଆ ହୋଇ ସମସ୍ୟା ଭୋଗୁଛନ୍ତି।

# ଖଣ୍ଡା ଦେଖାଇ ଲୁଟ୍, ଦୁଇ ଗିରଫ

ଭୁବନେଶ୍ୱର, ୧୦।୬ (ସତ୍ୟଜିତ୍ ରାଉତ)

ଖଣ୍ଡା ଦେଖାଇ ଲୁଟ ଘଟଣାରେ ଏୟାରପୋର୍ଟ ଥାନା ପୋଲିସ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ଏୟାରପୋର୍ଟ ଥାନା ଅନ୍ତର୍ଗତ କାର୍ଗିଲ ବସ୍ତି କେଳାସାହିରେ ରହୁଥିବା ନୟାଗଡର ଦିନେଶ ଦାସ ଓରଫ କାଲୁ (୨୫) ଓ ମାନସ ଦାସ (୨୯)। ଉଭୟଙ୍କଠୁ ୧୧୦୦ ଟଙ୍କା ଜବତ କରାଯାଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରବିବାର ସକାଳେ ଅଭିଯୋଗକାରୀ ସୁଦାମ ପ୍ରଧାନ କାମକୁ ଯାଉଥିବା ବେଳେ ଅଭିଯୁକ୍ତଦ୍ୱୟ ମଦ୍ୟପାନ ଅବସ୍ଥାରେ ତାଙ୍କୁ କାର୍ଗିଲ ବସ୍ତି ତ୍ରିନାଥ ମନ୍ଦିର ନିକଟରେ ଅଟକାଇଥିଲେ। ସେମାନେ ଖଣ୍ଡାରେ ଆକ୍ରମଣ କରିବାର ଭୟ ଦେଖାଇ ସୁଦାମଙ୍କଠାରୁ ୨୧୦୦ ଟଙ୍କା ଲୁଟ୍ କରି ନେଇଯାଇଥିଲେ। ଏତଲାକ୍ରମେ ପୋଲିସ ମାମଲା (ନଂ.୧୬୭/୨୪) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ମାନସଙ୍କ ନାମରେ ୫ଟି ଆପରାଧିକ ମାମଲା ରହିଛି।

# 'ଜୀବନ ଶୃଙ୍ଖଳିତ ହେଲେ ସଫଳତା ମିଳେ'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଟାଙ୍ଗୀ, ୧୦।୬ (ରଘୁନାଥ ସାହୁ)

ଆର୍ଯ୍ୟକଳା ନିଳୟ ଦ୍ୱାରା ପରିଚାଳିତ ଆର୍ଯ୍ୟକଳା ବିଦ୍ୟାଳୟର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ନବ ପଟ୍ଟନାୟକ ସ୍ମୃତି ମଣ୍ଡପରେ କଳସ ସ୍ଥାପନ, ପୁଷ୍ପମାଲ୍ୟ ଅର୍ପଣ, ଦୀପ ପ୍ରଜ୍ୱଳନ କରାଯାଇଥିଲା। ଶିକ୍ଷାବିତ୍ କୁବେର ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ସନ୍ଧ୍ୟାରାଣୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଚନ୍ଦ୍ରଶେଖର ଦାଶ ଯୋଗଦେଇ କଳା ହିଁ ସୃଜନଶକ୍ତିର ଶ୍ରେଷ୍ଠ ପରିପ୍ରକାଶ ବୋଲି ଉଦ୍‌ବୋଧନ ଦେଇ ଛାତ୍ରୀଛାତ୍ର ଏଥିରେ ମନୋନିବେଶ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଅଧ୍ୟାପକ ଅପର୍ତ୍ତି ବେହେରା ଜୀବନ ଶୃଙ୍ଖଳିତ ହେଲେ ସଫଳତା ଆପେ ଆପେ ଆସିବ ବୋଲି କହିଥିଲେ। ସମ୍ମାନିତ ଅତିଥି ରିଜିଓନାଲ ପବ୍ଲିକ ଲାଇବ୍ରେରିର ସମ୍ପାଦକ ତଥା ସେବାନିବୃତ୍ତ ଶିକ୍ଷକ ଶେଷଦେବ ଦାସ ଆର୍ଯ୍ୟକଳା ନିଳୟ ଦ୍ୱାରା କରାଯାଉଥିବା ସମସ୍ତ କାର୍ଯ୍ୟର ପ୍ରଶଂସା କରିବା ସହ ଅନୁଷ୍ଠାନକୁ ସରକାରୀ ସାହାଯ୍ୟ ମିଳିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ବିଦ୍ୟାଳୟ ସଭାପତି ବିଧୁଭୂଷଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ମାଟ୍ରିକ ଟପ୍ପରର ବ୍ରଜ କିଶୋର ସାହୁ ସ୍ମୃତି ମେଧାବୃତ୍ତି ପ୍ରଦାନ ଉତ୍ସବ



ବାଣପୁର, ୧୦।୬ (ଦିଲୀପ ସ୍ୱାଇଁ)

ନାରୁଣୀ ଗୋଦାବରୀଶ ସରକାରୀ ହାଇସ୍କୁଲର ସୁଶ୍ରୀ ପ୍ରୀତି ବନ୍ଦନା ପ୍ରଧାନ ଚଳିତ ମାଟ୍ରିକ ପରୀକ୍ଷାରେ ୮୯ପ୍ରତିଶତ ମାର୍କ ରଖି ପାସ କରିଥିବାରୁ ତାଙ୍କୁ ମାଟ୍ରିକ ଟପ୍ପର ବ୍ରଜ କିଶୋର ସାହୁ ସ୍ମୃତି ମେଧାବୃତ୍ତି ସମ୍ମାନ ପ୍ରଦାନ କରାଯାଇଛି। ବ୍ରଜ କିଶୋର ସାହୁ ସ୍ମୃତି ସଂସଦର ଅଧ୍ୟକ୍ଷ ତଥା ବରିଷ୍ଠ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତସିଂହାରଙ୍କ ଅଧ୍ୟକ୍ଷତା ଏବଂ କୁହୁଡ଼ି ଜନତା ସରକାରୀ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅର୍ଜୁନ ସ୍ୱାଇଁଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଫକୀରମୋହନ ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ମୋ ସ୍କୁଲ ଅଭିଯାନ ସଭାପତି ବସନ୍ତ କୁମାର ସାହୁ, ନାରୁଣୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ବସନ୍ତ କୁମାର ଶବର, ଶିକ୍ଷା ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଦୋଷ କୁମାର ଦାସ, ଶିକ୍ଷକ କିଶୋର କୁମାର ପ୍ରଧାନ, ସାହିତ୍ୟିକ ଭିକାରୀ ଚରଣ ପ୍ରଧାନ, ବରିଷ୍ଠ ନାଗରିକ ପଦ୍ମ ଚରଣ ମିଶ୍ର, ମଙ୍ଗୁଳି ଚରଣ ପରିଡ଼ା, ମକରଧ୍ୱଜ ପଲାଇ, ସୋନାଲି ପଲାଇ, ରିୟା ସିଂ, ଲକ୍ଷ୍ମୀଧର ପ୍ରଧାନ, ନୀଳକଣ୍ଠ ପ୍ରଧାନ, କୃଷ୍ଣ ଚନ୍ଦ୍ର ପ୍ରଧାନ, ଲଳିତ ମୋହନ ପଲାଇ ଯୋଗଦେଇ ବକ୍ତବ୍ୟ ରଖିବା ସହ ମେଧାବୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

# ଆଧ୍ୟାତ୍ମିକ ଆଲୋଚନାଚକ୍ର, ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବେଗୁନିଆ, ୧୦।୬ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ ପରିସରରେ ଆଧ୍ୟାତ୍ମିକ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁକୁଳର ପ୍ରତିଷ୍ଠାତା ତଥା ପଣ୍ଡିତ ବୀରେନ୍ଦ୍ର ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ଥାନୀୟ ନବନିର୍ବାଚିତ ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନକରି ଆଧ୍ୟାତ୍ମିକ ମାର୍ଗ ମଣିଷ ଜୀବନରେ ଦିଗ୍‌ଦର୍ଶନ ଦେବା ସହ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଭିକାରୀ ଚରଣ ସାହୁ ଅତିଥିଭାବେ ଯୋଗଦେଇଥିବା ବେଳେ ଆଚାର୍ଯ୍ୟ ଧର୍ମରାଜ ଧନ୍ୟବାଦ ଦେଇଥିଲେ।

# ନିଷ୍କ୍ରିୟ ହୋଇପଡୁଛି ଜୀବେ ନିଷ୍ଠୁରତା ନିରୋଧ ସମିତି

## ଜିଲାପାଳଙ୍କୁ ଅଭିଯୋଗ କଲେ ସଦସ୍ୟ

ଭୁବନେଶ୍ୱର, ୧୦।୬ (ବନ୍ଦନା ସେଠୀ)

ରାଜ୍ୟର ପ୍ରତି ଜିଲାରେ ଥିବା ଜୀବେ ନିଷ୍ଠୁରତା ନିରୋଧ ସମିତି ବା ସୋସାଇଟି ଫର୍ ପ୍ରିଭେନ୍‌ଶନ୍ କ୍ରୁଏଲଟି ଟୁ ଆନିମଲ (ଏସ୍‌ପିସିଏ) ଏବେ ନିଷ୍କ୍ରିୟ ହୋଇ ପଡ଼ିଛି। ଜିଲାସ୍ତରରେ ଏହି ସଙ୍ଗଠନର ଅଧ୍ୟକ୍ଷ ଭାବେ ଜିଲାପାଳ ଥିବାବେଳେ ଉପସଭାପତି ଭାବେ ଏସ୍‌ପି ରହିଛନ୍ତି। ଏହାର ସମ୍ପାଦକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଦାୟିତ୍ୱ ନିର୍ବାହ କରୁଥିବାବେଳେ ଏହାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଜଣେ ପ୍ରାଣୀ କଲ୍ୟାଣ ଅଧିକାରୀ ନିଯୁକ୍ତି ପାଇଛନ୍ତି। ମାତ୍ର ଦୀର୍ଘବର୍ଷ ହେବ ବୈଠକ ହେଉ ନ ଥିବାରୁ ତାହା ଏବେ ନିଷ୍କ୍ରିୟ ହୋଇ ପଡ଼ିଥିବା ପୂର୍ବତନ ପ୍ରାଣୀ କଲ୍ୟାଣ ଅଧିକାରୀ ତଥା ଏସ୍‌ପିସିଏ ସଦସ୍ୟ ଡା. ତ୍ରୈଲୋକ୍ୟ ନାଥ ମହାରଣା ଅଭିଯୋଗ କରିଛନ୍ତି। ଏନେଇ ତ୍ରୈଲୋକ୍ୟ ଖୋର୍ଦ୍ଧା ଜିଲାପାଳ, ରାଜ୍ୟ ସରକାରଙ୍କ ପ୍ରାଣୀ କଲ୍ୟାଣ ବିଭାଗ, ପ୍ରାଣୀ ନିର୍ଦ୍ଦେଶକ, ନିର୍ବାଚନ କମିଶନ, ଗଞ୍ଜାମ ଜିଲାପାଳ ପ୍ରମୁଖଙ୍କୁ ଅଭିଯୋଗ କରିଛନ୍ତି।

ସେ ତାଙ୍କ ଅଭିଯୋଗପତ୍ରରେ ଲେଖିଛନ୍ତି, ଖୋର୍ଦ୍ଧା ଜିଲାର ଏସ୍‌ପିସିଏ ଶେଷ ବୈଠକ ୨୦୨୧ ଡିସେମ୍ବର ୯ରେ ତତ୍କାଳୀନ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ତଥା ଜିଲା ଏସ୍‌ପିସିଏ ସମ୍ପାଦକ ଡା. ଆଶିଷ ରଞ୍ଜନ ଶତପଥୀଙ୍କ ପ୍ରଚେଷ୍ଟା ଓ ଜିଲାପାଳ ସଂଗ୍ରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମୟ ଅଭାବରୁ ଅଧିକ ଆଲୋଚନା ହୋଇ ନ ପାରିବାରୁ ପ୍ରତି ୩ମାସରେ ଥରେ ସାଧାରଣ ବୈଠକ ଡାକି ଜିଲାରେ ହେଉଥିବା ପ୍ରାଣୀ ନିଷ୍ଠୁରତା ବନ୍ଦ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଢେଇ ବର୍ଷ ହେବ ସାଧାରଣ ବୈଠକ ଡକାଯାଇ ନାହିଁ। ସେହିପରି ରାଜ୍ୟରେ ବିଭିନ୍ନ ଜିଲା, ରାଜଧାନୀ ଦେଇ ମଧ୍ୟ ରାତ୍ରିରେ ବେଆଇନ ଗୋ ଚାଲାଣ, ପ୍ରାଣୀ ନିଷ୍ଠୁରତା ଚରମ ସୀମାରେ ପହଞ୍ଚିଥିବାବେଳେ ଏହାକୁ ପ୍ରତିରୋଧ କରିବା ପାଇଁ ରାଜ୍ୟ ଓ ଜିଲା ଏସ୍‌ପିସିଏ ପକ୍ଷରୁ କୌଣସି ବୈଠକ ଅନୁଷ୍ଠିତ ହୋଇ ନ ଥିବା ଅଭିଯୋଗ ହୋଇଛି। ଏପରିକି ଜିଲାରେ ଏସ୍‌ପିସିଏ ସଦସ୍ୟମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇ ନ ଥିବାରୁ ରାତ୍ରିରେ ବେଆଇନ ଗୋ-ଚାଲାଣ ପ୍ରତିରୋଧ ପାଇଁ କାମ କରିବାକୁ ସେମାନେ ସୁରକ୍ଷିତ ମଣୁ ନାହାନ୍ତି। ଅପରପକ୍ଷେ ରାଜ୍ୟ ତଥା ବିଭିନ୍ନ ଜିଲାରେ ଆନ୍ତଃରାଜ୍ୟର ଗୋରୁ ମାଫିଆ ରାତିରେ ରାସ୍ତା କଡରେ ବିଶ୍ରାମ ନେଉଥିବା ବୁଲା ଗାଈଗୋରୁଙ୍କୁ ଉଠାଇବା ସହିତ ହତ୍ୟା ପାଇଁ ବିଭିନ୍ନ ଗାଡ଼ିରେ ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ଏହି ସମୟରେ ଜବତ ହେଉଥିବା ଗୋରୁଙ୍କୁ ଜିଲାରେ ବିଭିନ୍ନ ଗୋଶାଳାରେ ରଖିବା ପାଇଁ ସ୍ଥାନର ଘୋର ଅଭାବ ଦେଖାଦେଇଥିବାରୁ ସେ ନେଇ ବିଧିବଦ୍ଧ ନିଷ୍ପତ୍ତି ମଧ୍ୟ ନିଆଯାଇ ପାରୁନାହିଁ। ତେଣୁ ଏସ୍‌ପିସିଏ ବୈଠକର ଗୁରୁତ୍ୱକୁ ହୃଦୟଙ୍ଗମ କରି ତୁରନ୍ତ ଏନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

